
ଗୋବର୍ଦ୍ଧନପୁର– କୋଲାର ରୋଡସ୍ଥିତ ନୃସିଂହ ଠାକୁରଙ୍କ ମନ୍ଦିର ପାଣି ଘେରରେ ରହିଛି।


ଜଣେ ବ୍ୟକ୍ତି ହଂସୁରା ପଞ୍ଚାୟତସ୍ଥିତ ପାଣିଜମିଥିବା ରାସ୍ତାରେ ଯାଉଛନ୍ତି।


ବଡ଼ବାଲକଣୀ ଗ୍ରାମରେ ଘର ଗୁଡ଼ିକରେ ପାଣି ପଶିଛି।

## ସଂକ୍ଷେପରେ

### ୨୦ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଜଗତ୍‌ସିଂହପୁର ଅଫିସ, ୧୯।୮: ପାରାଦୀପ ମାଛଧରା ବନ୍ଦର ଓ ଚଉମୁହାଣି ନିକଟରେ ମତ୍ସ୍ୟଜୀବୀଙ୍କ ପାଇଁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସୂଚନା ଜାରି କରାଯାଇ ସେମାନଙ୍କୁ ଅଗଷ୍ଟ ୨୦ ପର୍ଯ୍ୟନ୍ତ ସମୁଦ୍ର ମଧକୁ ଯିବା ପାଇଁ ବାରଣ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁସାରେ, ଉତ୍ତର-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ। ଏଥିସହ ଉଚ୍ଚ ଜୁଆର ଏବଂ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୪୦ କି.ମି. ରହିବାର ସମ୍ଭାବନା ରହିଛି। ଯେଉଁ ମତ୍ସ୍ୟଜୀବୀମାନେ ପୂର୍ବରୁ ସମୁଦ୍ର ମଧକୁ ଯାଇଥିବେ ସେମାନେ ଯେପରି ସୁରକ୍ଷିତ ଭାବେ ଫେରି ଆସିବେ ସେନେଇ ପ୍ରତ୍ୟେକେ ଦାୟିତ୍ୱବାନ ହେବାକୁ ସୂଚନା ଦିଆଯାଇଛି। ବୋଟ୍ ଓ ଡଙ୍ଗାଗୁଡିକୁ ବାନ୍ଧି ରଖିବାକୁ କୁହାଯାଇଛି।

### ବନ୍ୟାବିପନ୍ନଙ୍କୁ ପଲିଥିନ ବଣ୍ଟନ

ବିରିଡି,୧୯।୮(ଡି.ଏନ.ଏ): ବିରିଡି ତହସିଲ ଅନ୍ତର୍ଗତ ଉତ୍ତର ଶାସନ ସାମଲ ସାହିର ୩୬ ପରିବାରଙ୍କ ଘରେ ବନ୍ୟା ଜଳ ପ୍ରବେଶ କରିଛି। ଏଥିଯୋଗୁ ସେମାନେ ଅନ୍ୟତ୍ର ଆଶ୍ରୟ ନେଇଥିଲେ। ସେମାନଙ୍କୁ ଶୁକ୍ରବାର ବିରିଡି ତହସିଲ କାର୍ଯ୍ୟାଳୟ ପକ୍ଷରୁ ପଲିଥିନ ବଣ୍ଟନ କରାଯାଇଛି। ତହସିଲ କାର୍ଯ୍ୟାଳୟର ରେକର୍ଡ କିପର ସୂର୍ଯ୍ୟ ମହାନ୍ତି, ଉତ୍ତର ଶାସନ ରାଜସ୍ୱ ନିରୀକ୍ଷକ ରଶ୍ମି ରଞ୍ଜନ ବେହେରା, ସରପଞ୍ଚ ସୁରେନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ରହି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ସମସ୍ତ ବିପନ୍ନ ପରିବାରକୁ ପଲିଥିନ ବଣ୍ଟନ କରିଥିଲେ।

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ପାଣିକୋଇଲି,୧୯।୮(ଡି.ଏନ.ଏ.): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଗୋଳେଇପୁର ଛକ ନିକଟରେ ଗୁରୁବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉକ୍ତ ଥାନା ଅଧୀନ ଅଳତିରି(ପାଣିକୋଇଲି) ଗ୍ରାମର ପ୍ରଫୁଲ୍ଲ କୁମାର ଉତରାୟଙ୍କ ଏକମାତ୍ର ପୁତ୍ର ରାଜକିଶୋର ଓରଫ୍ ରାଜୁ (୪୦)। ସେ କୌଣସି କାର୍ଯ୍ୟରେ କୁଆଖିଆ ଯାଇ ସ୍କୁଟି ନଂ. ଓଡି-୩୪-ଏନ-୨୭୫୮ ଯୋଗେ ଘରକୁ ଫେରୁଥିଲାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇ ରାସ୍ତାରେ ପଡ଼ି ରହିଥିଲେ। ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସଦସ୍ୟ ଓ ପୋଲିସ ପହଞ୍ଚି ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ ପରିବାର ପକ୍ଷରୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁରୁବାର ସକାଳେ ଏହି ଖବର ପ୍ରଚାରିତ ହେବା ମାତ୍ରେ ପାଣିକୋଇଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ବହୁ ମାନ୍ୟଗଣ୍ୟ ବକ୍ତି, ରାଜନେତା, ଆତ୍ମୀୟସ୍ୱଜନ, ପରିବାର ଓ ଗ୍ରାମବାସୀ ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ମରଶରୀରକୁ ଅଣାଯାଇ ଏକ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ୧୫୯ ପଞ୍ଚାୟତରେ ୩୯, ୭୯୩ ଲୋକ ପ୍ରଭାବିତ

ଜଗତ୍‌ସିଂହପୁର ଅଫିସ, ୧୯।୮

**ଜଗତ୍‌ସିଂହପୁରରେ ବର୍ଷା, ବନ୍ୟାର ପ୍ରଭାବ**
- ବିପନ୍ନଙ୍କୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ
- ୨୫ ଗାଁ ଜଳବନ୍ଦୀ
- ୧୦ ହଜାର ହେକ୍ଟର ଜମି ଜଳମଗ୍ନ

ଜଗତ୍‌ସିଂହପୁର ଜିଲା ପ୍ରଶାସନର ଆକଳନ ଅନୁଯାୟୀ, ଶୁକ୍ରବାର ସୁଦ୍ଧା ଜିଲାର ୧୫୯ ପଞ୍ଚାୟତ ଅନ୍ତର୍ଗତ ୬୨୦ଟି ଗ୍ରାମର ୩୯,୭୯୩ ଲୋକ, ୧୭,୭୬୦ ଗୋସମ୍ପଦ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ସେଥିମଧ୍ୟରୁ ୨୫ଟି ଗାଁ ଜଳାର୍ଣ୍ଣବ ହୋଇଥିବେଳେ ସେଠାରେ ଥିବା ୧୭,୫୭୮ ଲୋକ ପ୍ରଭାବିତ ହୋଇଛନ୍ତି। ୪୨ଟି କଚାଘର ଓ ୩୬ଟି ଗୁହାଳ କ୍ଷତିଗ୍ରସ୍ତ ହୋଇଛି। ୧୦,୨୭୬ ହେକ୍ଟର ଜମି ଜଳମଗ୍ନ ହୋଇଯାଇଛି। ସେଥିରୁ ଉଦ୍ୟାନ କୃଷିର ୯୬ ହେକ୍ଟର ଜମିରେ ହୋଇଥିବା ପନିପରିବା ଚାଷ ନଷ୍ଟ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ୧୫,୨୮ ଲୋକଙ୍କୁ ମାଗଣା ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିବାବେଳେ ୧୬୧.୨ କୁଇଣ୍ଟାଲ ଚୁଡା, ୪୦.୫୯ କୁଇଣ୍ଟାଲ ଗୁଡ଼ ବଣ୍ଟନ କରାଯାଇଛି। ୧୪ଟି ମେଡିକାଲ ଓ ୧୯ଟି ପ୍ରାଣୀ ସମ୍ପଦ ବିଭାଗର ଡାକ୍ତରୀ ଦଳ ନିୟୋଜିତ ହୋଇଛନ୍ତି। ୬୯୪ ରୋଲ ପଲିଥିନ ବଣ୍ଟନ ହୋଇପାରିଛି। ମୋଟାମୋଟି ଭାବେ ଜିଲା ପ୍ରଶାସନ ପକ୍ଷରୁ ବନ୍ୟାଞ୍ଚଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିବା ସୂଚନା ଦିଆଯାଇଛି। ଜିଲାପାଳ ପାରୁଲ ପଟାୱରୀ ଶୁକ୍ରବାର ଅପରାହ୍ନରେ କୁଜଙ୍ଗ ବ୍ଲକର ଜିଲାନାସୀ, ଜୟଶଙ୍କରପୁର, ତେନ୍ତୁଳିଆ, ବରିହାଡିହା ଅଞ୍ଚଳ ଗସ୍ତ କରି ବନ୍ୟା ପ୍ରପୀଡିତଙ୍କ ଅଭାବ, ଅସୁବିଧା ବୁଝିଥିଲେ। ଜିଲାର ୮ ବ୍ଲକରେ ପ୍ରଶାସନ ପକ୍ଷରୁ ଶୁଖିଲା, ରନ୍ଧା ଖାଦ୍ୟ ଆଶ୍ରୟସ୍ଥଳରେ ଥିବା ଲୋକଙ୍କୁ ପ୍ରଦାନ କରାଯାଇଛି। ଏଥିସହ ଗୋସମ୍ପଦଙ୍କୁ ଗୋଖାଦ୍ୟ ଯୋଗାଇବା ପ୍ରକ୍ରିୟା ଚାଲିଛି। ତହସିଲଦାରମାନେ ପଲିଥିନ ବଣ୍ଟନ ଦାୟିତ୍ୱରେ ଅଛନ୍ତି। ରିଲିଫ କାର୍ଯ୍ୟରେ ଜନପ୍ରତିନିଧିଙ୍କ ସହାୟତାରେ ଅଧିକାରୀମାନେ କାର୍ଯ୍ୟ କରୁଛନ୍ତି। ୩ଟି ମୋବାଇଲ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ସ୍ଥାପନ କରାଯାଇ ପାନୀୟ ଜଳ ପାଉଚ ମାଧ୍ୟମରେ ଯୋଗାଣ ବ୍ୟବସ୍ଥା ହେଉଛି। ସ୍ୱାସ୍ଥ୍ୟ, ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଶିବିର ମାଧ୍ୟମରେ ଲୋକ ଓ ଗୋ ସମ୍ପଦଙ୍କ ପାଇଁ ଔଷଧ ଯୋଗାଇ ଦିଆଯାଉଛି। ୩ ଦିନ ହେବ ବରିଷ୍ଠ ଅଧିକାରୀମାନେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ପରିଚାଳନା କରୁଛନ୍ତି। ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ସହ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ, ସ୍ୱାସ୍ଥ୍ୟ, ପ୍ରାଣୀ ସମ୍ପଦ, ପଞ୍ଚାୟତିରାଜ ବିଭାଗ କର୍ମଚାରୀମାନେ ଦାୟିତ୍ୱରେ ଅଛନ୍ତି। ମୁଖ୍ୟମନ୍ତ୍ରୀ ୧୬ଦିନ ପାଇଁ ରିଲିଫ୍ ପାଇଁ ନିର୍ଦ୍ଦେଶ ଦେଇଥିବାରୁ ଏହା ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରାଯାଉଛି। ଜଗତ୍‌ସିଂହପୁର ଦୁଗ୍ଧ ଉତ୍ପାଦନରେ ୧ନମ୍ବର ଥିବାରୁ ଗୋ ସମ୍ପଦର ସୁରକ୍ଷା ଉପରେ ପ୍ରାଧାନ୍ୟ ଦେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

**ଗୁରୁତର ରୋଗୀ କଟକ ସ୍ଥାନାନ୍ତର**

ବର୍ଷା ଓ ବନ୍ୟା ପ୍ରଭାବରେ ଜଳବନ୍ଦୀ ଥିବା କାଠକୋଟ ଗ୍ରାମର ଜଣେ ବ୍ୟକ୍ତି ଗୁରୁତର ଅସୁସ୍ଥ ହୋଇଯାଇଛନ୍ତି। ଏପରି କି ସେ କୋମା ଅବସ୍ଥାକୁ ଚାଲି ଯାଇଥିବା କୁହାଯାଇଛି । ସେ ହେଲେ ନୀଳ ସେଠୀ। ତାଙ୍କୁ ବୋଟ ଯୋଗେ ସ୍ଥାନାନ୍ତର କରାଯାଇଥିଲା । ନଦୀ ଆରପଟେ ପୂର୍ବରୁ ପ୍ରସ୍ତୁତ ଥିବା ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପ୍ରଥମେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି ।


କାଠକୋଟ ପଞ୍ଚାୟତକୁ ବୋଟ୍ ଯୋଗେ ପାଣି ପ୍ୟାକେଟ୍ ନିଆଯାଉଛି।


ରନ୍ଧାଖାଦ୍ୟ ପଠାଯାଉଛି।

# ବ୍ୟାପିଲାଣି ଝାଡ଼ାବାନ୍ତି, ଗୋ ସମ୍ପଦ ବିପଦରେ


ପ୍ରାଣୀ ଚିକିତ୍ସକ ଟିମ ଗୋରୁଗୁଡ଼ିକର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଛନ୍ତି।

ଜଗତ୍‌ସିଂହପୁର ଅଫିସ, ୧୯।୮

ଜଗତ୍‌ସିଂହପୁର ଜିଲାରେ ବର୍ଷା ଓ ବନ୍ୟା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାଇକା ନଦୀର ବାଲିକଣି ଓ କାଠକୋଟ ନିକଟ ନଦୀ ବନ୍ଧରେ ଘାଇ ଯୋଗୁ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ବିଶେଷକରି କାଠକୋଟ, ବାଲିକଣି, ହଂସୁରା, ଜିଲାନାସୀ ପଞ୍ଚାୟତର ଶହସ୍ରାଧିକ ଲୋକ ଜୀବନ ବଞ୍ଚାଇବା ପାଇଁ ସଂଗ୍ରାମ ଜାରି ରଖିଛନ୍ତି । ଡଙ୍ଗାର ଅଭାବ ଯୋଗୁ ଉଦ୍ଧାର, ରିଲିଫ ଓ ପଲିଥିନ ବଣ୍ଟନରେ ବାଧା ସୃଷ୍ଟି ହୋଇଛି । ଓଆର୍‌ଏସ୍, ସାପ କାମୁଡା, ଜ୍ୱର, ଝାଡାବାନ୍ତି ଆଦି ପାଇଁ ଆବଶ୍ୟକ ଔଷଧ ପହଞ୍ଚାଯାଇ ପାରୁ ନ ଥିବା ଅଭିଯୋଗ ହେଉଛି। ଏଭଳି ପରିସ୍ଥିତିରେ କିଛି ସ୍ଥାନରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଅପରପକ୍ଷେ ଗୋ ସମ୍ପଦ ପ୍ରତି ବିପଦ ଆଶଙ୍କା ରହିଛି।

ଏ ସମ୍ପର୍କରେ କାଠକୋଟ ପଞ୍ଚାୟତ ଅନ୍ତର୍ଗତ ବାଲସରା ଗ୍ରାମର ସୁବାସ ଚନ୍ଦ୍ର ରାଉତ, ଦୀଲିପ ନାୟକ, ନାଏବ ସରପଞ୍ଚ ପ୍ରଭାତ ପ୍ରଧାନ ଓ କାଠକୋଟର ଅସିତ୍ ମହାପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି, ଏହି ପଞ୍ଚାୟତ ଅନ୍ତର୍ଗତ ୧୨ ୱାର୍ଡରେ ପାଖାପାଖି ୯୦୦ ଘର ରହିଛି। ସେଥିମଧ୍ୟରୁ ଗୋବର୍ଦ୍ଧନପୁର ଗ୍ରାମରେ ୪୦୦, ବାଣଶରା ୧୭୦, କାଠକୋଟ ୧୬୦, ବାରମାଣିଆ ୮୦ ଓ କୁକୁରଖାଇରେ ୭୦ଟି ଘର ରହିଛି। ଘାଇ ଯୋଗୁ ଏହି ପଞ୍ଚାୟତର ସର୍ବାଧିକ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ୩ ଦିନ ହେବ ବହୁ ଲୋକ ଛାତ, ରାସ୍ତା, ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ଆଦିରେ ରହିଛନ୍ତି। ପାଣି ଘେରରେ ରହିଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ଧକାର ରାତିରେ ବର୍ଷା ମଧ୍ୟ ଦାଉ ସାଧୁଛି। ଏ ପରିସ୍ଥିତିରେ ପ୍ରତ୍ୟେକଙ୍କ ପାଖରେ ଆବଶ୍ୟକ ପରିମାଣର ରିଲିଫ୍, ଔଷଧ, ପଲିଥିନ, ଗୋଖାଦ୍ୟ ଆଦି ପହଞ୍ଚି ପାରୁନାହିଁ। ପ୍ରଶାସନ ପକ୍ଷରୁ ମାତ୍ର ୧୦ ପ୍ୟାକେଟ୍ ଚୁଡା, ୪ ପ୍ୟାକେଟ୍ ଗୁଡ଼, ୭୫୦ ଖଣ୍ଡ ପଲିଥିନ ଯୋଗାଯାଇଛି। ଯାହାକି ଆବଶ୍ୟକତାଠାରୁ ଯଥେଷ୍ଟ କମ୍। ତେବେ ଡଙ୍ଗା ଓ ବୋଟ୍‌ର ଅଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଇଛି। ଅଗ୍ନିଶମ ବାହିନୀ ପକ୍ଷରୁ ୨ଟି ବୋଟ୍‌ରେ ଦିନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଜରୁରୀ ସେବା ଯୋଗାଇ ଦିଆଯାଉଛି। ଅସୁସ୍ଥ ଲୋକଙ୍କୁ ରାହାମା ଡାକ୍ତରଖାନା ନେବା ଆଣିବା ଉପରେ ପ୍ରାଥମିକତା ଦିଆଯାଉଛି। ଶୁକ୍ରବାର ପଞ୍ଚାୟତବାସୀଙ୍କ ପାଇଁ ୨ଟି ଡଙ୍ଗା ଯୋଗାଯିବ ବୋଲି କୁହାଯାଇଥିଲେ ସୁଦ୍ଧା ଖବର ଲେଖାହେବା ପର୍ଯ୍ୟନ୍ତ ତାହା ପହଞ୍ଚିପାରି ନାହିଁ। ବାସ୍ତବରେ କିନ୍ତୁ ଜରୁରିକାଳୀନ ଭିତ୍ତିରେ ଆଉ ୪ଟି ଡଙ୍ଗାର ଆବଶ୍ୟକତା ରହିଛି। ବାରମାଣିଆ ଗୋ'ସମ୍ପଦ ଅସୁରକ୍ଷିତ ଅବସ୍ଥାରେ ହଂସୁଆ ନିକଟ ଘେରିବନ୍ଧ ଉପରେ ରହିଛନ୍ତି। ଅନ୍ୟ ପଞ୍ଚାୟତଗୁଡ଼ିକର ଅବସ୍ଥା ମଧ୍ୟ ଅନୁରୂପ ରହିଛି। ଅନେକଙ୍କ ଘର ଭିତରେ ପାଣି ଜମି ରହିଥିବାରୁ ଆସବାବପତ୍ର, ଖାଦ୍ୟଶସ୍ୟ ଆଦି ନଷ୍ଟ ହୋଇଯାଇଛି। ଅଧିକାଂଶ ମାଟି ଓ ଚାଳ ଛପର ଘର ଭାଙ୍ଗି ଯାଇଛି। ମେଡିକାଲ ଟିମ୍ ଗୋବର୍ଦ୍ଧନ ପୁର, ମାଣସରା ଓ କାଠକୋଟ ପର୍ଯ୍ୟନ୍ତ ଯାଇ କିଛି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିଛନ୍ତି। କାଠକୋଟରେ ପହଞ୍ଚିବା ବେଳକୁ ଆପାତତଃ ଓଆର୍‌ଏସ୍, ପାରାସିଟାମଲ ଓ ଗୋଡ଼ ପାଣି ଖାଇବା ଆଦି ଅଏଣ୍ଟମେଣ୍ଟ ସରିଯାଇଥିଲା। ମାତ୍ର ୨୦ ଜଣଙ୍କୁ କିଛି ପରିମାଣର ଦେଇଥିଲେ। ଏନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଭୁଶୁଡ଼ିବା ଅବସ୍ଥାରେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବାସଭବନ

ଜେନାପୁର,୧୯।୮(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁରଠାରେ ଥିବା ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସରକାରୀ ବାସଭବନ ଏବେ ଭୁଶୁଡ଼ିବା ଅବସ୍ଥାରେ ରହିଛି। ଘରଟି ବହୁ ପୁରାତନ ହୋଇଥିବାରୁ କାନ୍ଥ ଫାଟିଗଲାଣି। ଛାତର ରଡ୍ ଦେଖାଯାଉଛି। ପ୍ଲାଷ୍ଟର ଖସି ପଡୁଛି। ଏବେ ବର୍ଷାଦିନ ହୋଇଥିବାରୁ ଅନବରତ ବର୍ଷା ପାଣି ଛାତରୁ ଗଳି ଘରଗୁଡ଼ିକ ଜଳମଗ୍ନ ହେଉଛି। ଫଳରେ କୌଣସି କାର୍ଯ୍ୟ କରିବା ସମ୍ଭବ ହୋଇପାରୁନାହିଁ। ଘରେ ଥିବା ଆସବାବପତ୍ର, ସରକାରଙ୍କ ଦରକାରୀ କାଗଜପତ୍ରଗୁଡ଼ିକ ପାଣି ପଡ଼ି ନଷ୍ଟ ହେବାକୁ ବସିଲାଣି। ଏହି ଗୃହ ଏବେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। କିନ୍ତୁ ଏଥିପ୍ରତି କେହି ଦୃଷ୍ଟି ନ ଦେବାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏଠାରେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଗୃହ ଛଡ଼ା ମେଡିକାଲର ଅନ୍ୟ କୌଣସି କର୍ମଚାରୀଙ୍କ ପାଇଁ ଗୃହ ନ ଥିବା ପରିତାପର ବିଷୟ ପାଲଟିଛି। ତେଣୁ ସମସ୍ତ ମେଡିକାଲ କର୍ମଚାରୀଙ୍କ ପାଇଁ ଗୃହ ନିର୍ମାଣ କରିବା ସହ ମହିଳା ସ୍ୱାସ୍ଥ୍ୟ କର୍ମୀ ରହୁଥିବା ଗୃହକୁ ପୁନଃ ନିର୍ମାଣ କରିବାକୁ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ହୋଇଛି।

# ଲଘୁଚାପଜନିତ ବର୍ଷା ବଢ଼ାଇଲା ଦୁର୍ଦ୍ଦଶା

କୁଜଙ୍ଗ,୧୯।୮(ଡି.ଏନ୍.ଏ.)

**ଏବେ ବି ୧୩ହଜାର ଲୋକ ପାଣି ଘେରରେ**

କୁଜଙ୍ଗ ବ୍ଲକରେ ୫ ଦିନ ହେବ ଜଳବନ୍ଦୀ ଥିବା ବନ୍ୟାବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଗୁରୁବାର ରାତିରୁ ପୁନର୍ବାର ଲଘୁଚାପଜନିତ ବର୍ଷା ଆରମ୍ଭ ହୋଇଛି। ଏନେଇ ସେମାନଙ୍କ ଚିନ୍ତା ବଢ଼ିଯାଇଛି। କୁଜଙ୍ଗ ବ୍ଲକର ୧୦ ପଞ୍ଚାୟତର ପ୍ରାୟ ୧୩ ହଜାର ଲୋକ ଏବେ ସୁଦ୍ଧା ପାଣି ଘେରରେ ରହିଛନ୍ତି। ବନ୍ୟା ସାମାନ୍ୟ ହ୍ରାସ ପାଇଥିଲେ ମଧ ଏବେବି ଘରଦ୍ୱାର, ଗାଁ ଗଣ୍ଡା, ରାସ୍ତାଘାଟରେ ୫ ଫୁଟ୍ ଉଚ୍ଚର ପାଣି ଲହଡ଼ି ଭାଙ୍ଗୁଛି। ଲୋକମାନେ ଗାଁ ଦାଣ୍ଡରେ ଯାତାୟାତପାଇଁ ଭେଳାର ଆଶ୍ରୟ ନେଉଛନ୍ତି। ବହୁ ସ୍ଥାନରେ ଘରଦ୍ୱାର ଭାଙ୍ଗିଯାଇଛି। ଛାତ ଉପରେ ଜରିପାଲ ଟାଣି ରହିଥିଲାବେଳେ ତୁହାକୁ ତୁହା ଲଘୁଚାପଜନିତ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି । ଅନେକ ସ୍ଥାନରେ ଗୋରୁ ଖୋଲା ଆକାଶ ତଳେ ବନ୍ଧା ହୋଇ ରହିଛନ୍ତି । ବହୁ ସ୍ଥାନରେ ବନ୍ୟା ଦୁର୍ଗତଙ୍କ ନିକଟରେ ପ୍ରଶାସନ ପହଞ୍ଚି ପାରି ନ ଥିବା ଅଭିଯୋଗ ହେଉଥିବା ବେଳେ ଏପର୍ଯ୍ୟନ୍ତ କୌଣସି ସରକାରୀ ରିଲିଫ୍ ନ ପାଇ ସେମାନେ ହନ୍ତସନ୍ତ ହେଉଛନ୍ତି।


ଜୟଶଙ୍କରପୁର ଗ୍ରାମ ରାସ୍ତାରେ ପାଣି ଜମିଛି।

ଅପରପକ୍ଷେ ୫ମ ଦିନରେ ସମୁଦ୍ରକୁ ଶଙ୍ଖେଭଳି କିଛି ସ୍ଥାନରେ ଚୁଡା, ଗୁଡ଼, ଗୋଖାଦ୍ୟ ଓ ଜରିପାଲ ଦିଆଯାଇଥିବା କୁହାଯାଇଛି। କୁଜଙ୍ଗ ବ୍ଲକ ଜିଲାନାସି ପଞ୍ଚାୟତର ଜୟଶଙ୍କରପୁର ଗ୍ରାମର ସର୍ବେଶ୍ୱର ବେହେରାଙ୍କ ଚାଳଘର ଭୁଶୁଡିଯାଇଛି। ଘରର କାନ୍ଥ ବେହେରାଙ୍କ ଉପରେ ପଡ଼ିବାରୁ ସେ ଆହତ ହୋଇଛନ୍ତି। ୨ ଦିନ କାଳ ପାଣି ଘେରରେ ରହି ଯନ୍ତ୍ରଣା ପାଇବା ପରେ ଗୁରୁବାର ତାଙ୍କୁ ଏକ ହୁଲି ଡଙ୍ଗା ସାହାଯ୍ୟରେ ମୁଖ୍ୟ ରାସ୍ତାକୁ ଅଣାଯାଇ ଜଗତ୍‌ସିଂହପୁର ଚିକିତ୍ସାଳୟରେ ଚିକିତ୍ସା କରାଯାଇଛି। ମାତ୍ର ଏପର୍ଯ୍ୟନ୍ତ ତାଙ୍କ ପାଖରେ କୌଣସି ରିଲିଫ ସାମଗ୍ରୀ ପହଞ୍ଚି ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଜୟଶଙ୍କରପୁରର ପ୍ରଶାନ୍ତ ବେହେରା, ମହେଶ୍ୱର ବେହେରା, ଲକ୍ଷ୍ମୀପ୍ରିୟା ବେହେରାଙ୍କ କହିବାନୁଯାୟୀ, ୫ ଦିନପରେ ସେମାନଙ୍କୁ ଗଣ୍ଡେ ଚୁଡା, କିଛି ଗୁଡ ଓ ଗୋଟିଏ ଲେଖାଏ ଜରିପାଲ ଯୋଗାଇ ଦିଆଯାଇଛି। ଜିଲାନାସୀର ତପନ ସାମନ୍ତରାୟ କହିଛନ୍ତି, ଯେତିକି ଗୋଖାଦ୍ୟ ଆସିଛି ତାହା ସମୁଦ୍ରକୁ ଶଙ୍ଖେ। ଏ ସମ୍ପର୍କରେ ପ୍ରଶାସନ ତରଫରୁ କୁଜଙ୍ଗ ବିଡିଓ କହିଛନ୍ତି, ଏପର୍ଯ୍ୟନ୍ତ ୧୦ ପଞ୍ଚାୟତର ବନ୍ୟାବିପନ୍ନଙ୍କ ପାଇଁ ୯୧କୁଇଣ୍ଟାଲ ଚୁଡା, ୨୮ କୁଇଣ୍ଟାଲ ଗୁଡ, ୫୫ ପେଟି ବିସ୍କୁଟ ଯୋଗାଇ ଦିଆଯାଇଛି। ଜନସାଧାରଣଙ୍କ ନିକଟରେ ରିଲିଫ ପହଞ୍ଚି ନ ଥିବା ଅଭିଯୋଗ ସଂକ୍ରାନ୍ତରେ ବିଡିଓ ସୌମଶ୍ରୀ ପାଣିଗ୍ରାହୀ କହିଛନ୍ତି, ଆମ୍ଭେ ଜନ ପ୍ରତିନିଧିଙ୍କ ହାତରେ ରିଲିଫ୍ ଦେଇଛୁ । ଯଦି ସେମାନେ ନ ବାଣ୍ଟିବେ ସେଥିପାଇଁ ମୁଁ ଦୁଃଖିତ। ବନ୍ୟାବିପନ୍ନଙ୍କ ପାଇଁ ଯୋଗାଇଦିଆଯାଇଥିବା ବୋଟ୍ ପର୍ଯ୍ୟାପ୍ତ ହେଉ ନ ଥିବା ଅଭିଯୋଗ ସମ୍ପର୍କରେ ବିଡିଓ ପାଣିଗ୍ରାହୀ କହିଛନ୍ତି, ପ୍ରଶାସନ ପକ୍ଷରୁ ସରକାରୀ ବୋଟ ୫ଟା ଓ ଘରୋଇ ବୋଟ ୧୯ଟା ଯୋଗାଇ ଦିଆଯାଇଛି। ବିଭିନ୍ନ ଶିଳ୍ପ ସଂସ୍ଥା ମହମବତୀ ଓ ଦିଆସିଲି ଯୋଗାଇ ଦେଇଥିଲେ ବି ଏହା ଜନସାଧାରଣଙ୍କ ନିକଟରେ ପହଞ୍ଚି ପାରିନାହିଁ ବୋଲି ଜିଲାନାସୀ ସରପଞ୍ଚଙ୍କ ପ୍ରତିନିଧି ଅଭୟ ପରିଡା କହିଛନ୍ତି। ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

## ସଂକ୍ଷେପରେ

### ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

କେନ୍ଦ୍ରାପଡ଼ା ଅଫିସ, ୧୯।୮: କେନ୍ଦ୍ରାପଡ଼ା ଟାଉନ ଥାନା ଅଧୀନ ସହରର ଇଚ୍ଛାପୁରସ୍ଥିତ ମାଉସୀ ମା' ମନ୍ଦିର ନିକଟରେ ଥିବା ରଥ ତଳେ ନାବାଳିକାକୁ ବଳାତ୍କାର ମାମଲା (ଥାନା କେସ୍ ନଂ. ୧୦୪/୧୮)ର ଶୁଣାଣି ଗତ ୧୭ ତାରିଖରେ ଶେଷ ହୋଇଛି। କେନ୍ଦ୍ରାପଡ଼ା ଅତିରିକ୍ତ ସେସନ୍ସ ଜଜ୍‌କୋର୍ଟରେ ଏହି ମାମଲାର ବିଚାର କରି ସମ୍ପୃକ୍ତ ଅଭିଯୁକ୍ତ ସଦର ଥାନା ଅନ୍ତର୍ଗତ ଜାଗୁଲେଇପଡା ଗ୍ରାମର ଦିଲୀପ କୁମାର ବେହେରା ଓରଫ ଦିଲିକାଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଅନାଦେୟରେ ଅଧିକ ବର୍ଷେ ଜେଲରେ ରହିବେ ବୋଲି ଅତିରିକ୍ତ ସେସନ୍ସ ଜଜ୍ ତ୍ରିବିକ୍ରମ ଚିନ୍ନରା ରାୟରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ମନୋଜ କୁମାର ସାହୁ ଶୁକ୍ରବାର କହିଛନ୍ତି, ଏହି ଘଟଣା ୧୯।୭।୨୦୧୮ରେ ସଂଘଟିତ ହୋଇଥିଲା। ମାଉସୀ ମା' ମନ୍ଦିରରେ ଶ୍ରୀବଳଦେବଜୀଉ ରଥ ରହିଥିବା ବେଳେ ଏଠାରେ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଭଜନ ସମାରୋହ ସରିବା ପରେ ଏଠାରେ ରହି ଖେଳୁଥିବା ୩ ଜଣଙ୍କ ମଧ୍ୟରୁ ଦିଲୀପ ଏକ ୧୨ ବର୍ଷର ନାବାଳିକାଙ୍କୁ ରଥ ତଳ ଅନ୍ଧାରକୁ ନେଇ ବଳାତ୍କାର କରିଥିଲେ। ଏହି ଘଟଣାକୁ ନେଇ ପୀଡିତାଙ୍କ ମା' ଟାଉନ ଥାନାରେ ଅଭିଯୋଗ ପରେ ମାମଲା ରୁଜୁ ହୋଇଥିଲା ବୋଲି ସ୍ପେଶାଲ ପିପି ସାହୁ ସୂଚନା ଦେଇଛନ୍ତି।

### ସୂଚନା ଅଧିକାରକର୍ମୀଙ୍କୁ ଆକ୍ରମଣ ନେଇ ମାମଲା

ମାର୍ଶାଘାଇ,୧୯।୮ (ଡି.ଏନ.ଏ.): ମାର୍ଶାଘାଇ ଥାନା ଅନ୍ତର୍ଗତ କରଞ୍ଜ ଗାଁର ସୂଚନା ଅଧିକାରକର୍ମୀଙ୍କୁ ଆକ୍ରମଣ କରାଯାଇଥିବା ନେଇ ଶୁକ୍ରବାର ଅଭିଯୋଗକୁ ନେଇ ମାମଲା ରୁଜୁ ହୋଇଛି। ଏହି ଅଭିଯୋଗ ଗାଁର ସୂଚନା ଅଧିକାରକର୍ମୀ ଜନକର ଯେନା କରିଛନ୍ତି। କରଞ୍ଜ ପଞ୍ଚାୟତର ବିଭିନ୍ନ ସରକାରୀ ବିଦ୍ୟାଳୟକୁ ଆସୁଥିବା ଅନୁଦାନ ରାଶି ଓ ଏହାର ଖର୍ଚ୍ଚ ବାବଦରେ ସୂଚନା ଅଧିକାର ଆଇନରେ ଯେନା ତଥ୍ୟ ମାଗିଥିଲେ। ମାତ୍ର ଉକ୍ତ ଗ୍ରାମର ତଥା କୋଡିଏ ନଂ. ଜୋନର ଜିଲା ପରିଷଦ ସଭ୍ୟ ସୁବୋଧ ଲେଙ୍କା ଓରଫ ଟୁଟୁ ତାଙ୍କୁ ମାମଲା ପ୍ରତ୍ୟାହାର ପାଇଁ ଚାପ ପକାଉ ଥିଲେ। ସେ ରାଜି ହୋଇ ନ ଥିଲେ। ଫଳରେ ୧୭ ତାରିଖ ରାତିରେ ସେ ଘରକୁ ଫେରୁଥିବା ବେଳେ ଗ୍ରାମର ହନୁମାନ ମନ୍ଦିର ନିକଟରେ ଟୁଟୁ ତାଙ୍କୁ ଅଟକାଇ ଜାତିଆଣ ଆକ୍ଷେପ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେ ପ୍ରତିବାଦ କରିବାରୁ ତାଙ୍କ ବେକରେ ଗାମୁଛା ଗୁଡ଼ାଇ ତାଙ୍କୁ ମାରି ଦେବାକୁ ଉଦ୍ୟମ କରିଥିଲେ। ସେ କୌଶଳକ୍ରମେ ଖସି ଘରକୁ ପଳାଇ ଆସିଥିଲେ। ଟୁଟୁ ତାଙ୍କ ପଛେ ପଛେ ତାଙ୍କ ଘର ନିକଟକୁ ଆସି ପତ୍ନୀଙ୍କୁ ମଧ ଗାଳିଗୁଲଜ କରିଥିଲେ ବୋଲି ଯେନା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ନଂ. ୩୨୫/୨୨ରେ ମାମଲା ରୁଜୁ ହୋଇଛି। ଏହାର ତଦନ୍ତ ଭାର ମହାକାଳପଡ଼ା ଥାନା ଆଇଆଇସି ମନୋରଞ୍ଜନ ଚୌଧୁରୀ ନେଇଥିବା ଥାନା ସୂତ୍ରରୁ ପ୍ରକାଶ କରାଯାଇଛି।

# ସବୁଠି ପାଣି, ପିଇବାକୁ ପାଣି ନାହିଁ

- ଜୀବନଯାତ୍ରାକୁ ଠପ କରୁଛି ବନ୍ୟା
- ବନ୍ୟାଜଳ ଜିଲାର ୯୩ ଗ୍ରାମକୁ ଘେରିଗଲାଣି
- ଘଳିଆ ସଂଖ୍ୟା ବଢୁଛି, ସ୍ଥାନାନ୍ତରକୁ ଗୁରୁତ୍ୱ

କେନ୍ଦ୍ରାପଡ଼ା ଅଫିସ, ୧୯।୮





ମାର୍ଶାଘାଇ ବ୍ଲକ ବାଲିସଂଘରେ ପାନୀୟ ଜଳ ସଂଗ୍ରହ ପରେ ଟିଣ ଟ୍ରେରେ ନିଆଯାଉଛି। ମାର୍ଶାଘାଇର ଅଇତିପୁରରେ ପାଣି ଘେରରେ ଥିବା ନଳକୂପରୁ ପାନୀୟ ଜଳ ପିଲାମାନେ ନେଉଛନ୍ତି।

ମହାନଦୀର ହୀରାକୁଦ ଜଳଭଣ୍ଡାର ଧାରଣ କ୍ଷମତାକୁ ଲକ୍ଷ୍ୟ ରଖାଯାଇ ଗେଟ୍‌ଗୁଡ଼ିକ ବନ୍ଦ ହେଉଛି। ତଳମୁଣ୍ଡରେ କଟକର ମୁଣ୍ଡଲିଠାରେ ବନ୍ୟା ଜଳ ପ୍ରବାହ ହ୍ରାସ ପାଉଛି। ଏହାସତ୍ତ୍ୱେ ମହାନଦୀ ସିଷ୍ଟମରେ କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ହେଉଥିବା ଲୁଣା, କରାଣ୍ଡିଆ, ଚିତ୍ରୋତ୍ପଳା, ପାଇକା ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ଚାଲୁଛି। ଗତ ୩ ଦିନ ଧରି ୮୬ ଗ୍ରାମରେ ବନ୍ୟାଜଳ ପ୍ରବେଶ କରିଥିଲା ବେଳେ ୨୪ ଘଣ୍ଟା ମଧ୍ୟରେ ଏହି ସଂଖ୍ୟା ୯୩କୁ ବୃଦ୍ଧି ପାଇଛି। ସେହିପରି ନଦୀବନ୍ଧଗୁଡ଼ିକର ଘଳିଆ ସଂଖ୍ୟା ୧୦୫ରେ ପହଞ୍ଚିଛି। ଲୋକଙ୍କୁ ସ୍ଥାନାନ୍ତର କରି ଖାଦ୍ୟ, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା ପରି ମୌଳିକ ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଉଛି। ବନ୍ୟା ଯୋଗୁ ଚାରି ଆଡେ ପାଣି ଥିବାବେଳେ ବିପନ୍ନଙ୍କୁ ପାନୀୟ ଜଳ ମିଳୁନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଜିଲା ଜରୁରିକାଳୀନ ବିଭାଗ ତଥ୍ୟ ଅନୁଯାୟୀ, ଜିଲାର ୭ ବ୍ଲକ ଅଞ୍ଚଳ ବନ୍ୟା ଘେରରେ ଅଛି। ଅଦ୍ୟାବଧି ମୋଟ ୯୩ ପଞ୍ଚାୟତର ୯୨,୮୨୨ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି। ୮୫ଟି ଗ୍ରାମର ୨୧,୫୬୦ ଅଧିବାସୀ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ୮,୧୧୩ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ୩୨ଟି ସ୍ଥାନରେ ରନ୍ଧା ଖାଦ୍ୟ ପ୍ରଦାନ ସହ ଅନ୍ୟ ଗ୍ରାମରେ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ବିତରଣ କରାଯାଇଛି। ସେହିପରି ମୋଟ ୨୧,୮୮୨ଟି ଗୃହପାଳିତ ପଶୁ ବନ୍ୟା ଜଳ ଘେରରେ ଥିବା ବେଳେ ବନ୍ୟା ସମୟରେ ୩ଟି ଗାଈ ମରିଛନ୍ତି। ୨୫ଟି କଚ୍ଚା ଘର, ଗୋଟିଏ କୁଡିଆ, ୨ଟି ଗୁହାଳ ଏହି ବନ୍ୟାରେ ଭାଙ୍ଗିଛି। ୧୦୫ଟି ଘଳିଆ ବିଭିନ୍ନ ନଦୀବନ୍ଧରେ ହୋଇଥିବା ବେଳେ ଏହାର ମରାମତି ହୋଇଥିବା ତଥ୍ୟ ପ୍ରଦାନ କରାଯାଇଛି।

ମାର୍ଶାଘାଇ ବ୍ଲକ ଡିହବଳରାମପୁର ଗାଁର ଅମର ନାୟକ କହିଛନ୍ତି, ଏହି ବନ୍ୟା ଆମ ଜୀବନଯାତ୍ରାକୁ ଠପ କରି ଦେଇଛି। ଦୈନନ୍ଦିନ ଜୀବନରେ ଥିବା କର୍ତ୍ତବ୍ୟଗୁଡିକ ପାଳନ କରି ହେଉନାହିଁ। ଗତ ୬ ଦିନ ଧରି ବନ୍ୟା ସ୍ଥିତି ସହ ସଂଘର୍ଷ କରୁଛୁ। ନାନକାର ଗ୍ରାମର ମାଧବ ଚନ୍ଦ୍ର ପଲାଇ କହିଛନ୍ତି, କରାଣ୍ଡିଆରେ ବନ୍ଧ ନିର୍ମାଣ ପାଇଁ ବାରମ୍ବାର ଦାବି ହେଉଛି। ଏହି ଦାବି ପ୍ରତି କେହି ସମ୍ବେଦନଶୀଳ ନୁହନ୍ତି। ଫଳରେ କରାଣ୍ଡିଆର ବନ୍ୟାଜଳ ଖରିଫ ଚାଷ, ପନିପରିବା ନଷ୍ଟ କରିବା ପରେ ଏବେ ଗ୍ରାମର ସମସ୍ତଙ୍କ ଘରେ ପାଣି ପଶିଛି। ନିଜକୁ ଥଇଥାନ କରିବା କଷ୍ଟକର ହୋଇଛି। ଗ୍ରାମର ଅଧିକାଂଶ ଲୋକ ବନ୍ୟା ପାଇଁ ଉଚ୍ଚ ସ୍ଥାନରେ ରହୁଥିବା ବେଳେ ବର୍ଷା ଦୁର୍ଦ୍ଦଶାକୁ ଅଧିକ କରିଛି। ବାଲିସିଂ ଗ୍ରାମର ଅମୃତା ନାୟକ କହିଛନ୍ତି, ବନ୍ୟା ପାଣି ସବୁଆଡ଼େ ଖେଳିଯାଇଛି। ଗ୍ରାମ ମଧ୍ୟରେ ଥିବା ପାନୀୟ ଜଳଉତ୍ସ ଏବେ ବନ୍ୟାଜଳରେ ବୁଡିଯାଇଛି। ଶୁଖିଲା ଖାଦ୍ୟ ଖାଇବା ପରେ ପାଣି ଟିକେ ପିଇବାକୁ ମିଳୁନାହିଁ। ଶିଶୁ, ରୋଗୀ, ବୃଦ୍ଧାବୃଦ୍ଧ ଏହି ବନ୍ୟାରେ ଅସହାୟ ହୋଇପଡିଛନ୍ତି। ସେହିପରି ଘରେ ସାପ ରହିବା ଭୟ ଆରମ୍ଭ ହୋଇଛି। ଏଭଳି ସ୍ଥିତି ଆଉ ଦିନେ ଦୁଇଦିନ ରହିଲେ ଝାଡାବାନ୍ତି ପରି ଜଳବାହିତ ରୋଗ ବ୍ୟାପିବା ସମ୍ଭାବନା ବଢ଼ିଛି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ନଦୀର ଜଳସ୍ତର କମିବା ଆରମ୍ଭ ହୋଇଛି। ବନ୍ୟା ଘେରରେ ଥିବା ଲୋକଙ୍କୁ ସ୍ଥାନାନ୍ତର ପାଇଁ ୭୮ଟି ପାୱାର ବୋଟ ଓ ଡଙ୍ଗା ବ୍ୟବହାର କରାଯାଉଛି। ୨୦ଟି ମେଡିକାଲ ଓ ୯ଟି ପଶୁସମ୍ପଦ ବିଭାଗ ଟିମ ବନ୍ୟାଞ୍ଚଳରେ ସେବା ଯୋଗାଉଛନ୍ତି। ଏବେ ବନ୍ୟାଞ୍ଚଳରେ ମୌଳିକ ସମସ୍ୟାର ସମାଧାନକୁ ଗୁରୁତ୍ୱ ଦିଆଯାଇଛି। ନଦୀବନ୍ଧରେ ହୋଇଥିବା ଘଳିଆକୁ ବନ୍ଦ କରାଯାଇଛି। ଜଳସ୍ତର କମୁଥିବାରୁ ବନ୍ୟା ସ୍ଥିତି ନିୟନ୍ତ୍ରଣରେ ଅଛି। ଆଗାମୀଦିନରେ କ୍ଷୟକ୍ଷତି ଆକଳନ ସହ ଲୋକଙ୍କ ଜୀବନଜୀବିକାକୁ ସାବଲୀଳ ପାଇଁ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯିବ।

# କମୁଛି ବନ୍ୟାଜଳ, ବଢୁଛି ଦୁର୍ଦ୍ଦଶା

ମାର୍ଶାଘାଇ, ୧୯।୮(ଡି.ଏନ.ଏ.)



ଡଙ୍ଗା ସୁବୁଧା ନ ଥିବାରୁ ଭେଳାରେ ନଦୀ ବନ୍ଧରେ ଥିବା ଗୋରୁ ଦେଖିବାକୁ ଜଣେ ଯୁବକ ଯାଉଛନ୍ତି।

ମାର୍ଶାଘାଇ ବ୍ଲକ ଅଞ୍ଚଳରେ ପ୍ରବାହିତ ଚିତ୍ରୋତ୍ପଳା, ଲୁଣା, କରାଣ୍ଡିଆ ଓ ପାଇକା ନଦୀରେ ବନ୍ୟାଜଳ ହ୍ରାସ ପାଇଥିଲେ ମଧ ବନ୍ୟା ପ୍ରଭାବିତ ଲୋକଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି। ଗୁରୁବାର ରାତିରୁ ଲଘୁଚାପଜନିତ ବର୍ଷା ସେମାନଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି। ବନ୍ୟାରେ ସବୁଠାରୁ ବେଶି ପ୍ରଭାବିତ ହୋଇଥିବା ଆଇତିପୁର ଓ ଜଳାପୋକ ପଞ୍ଚାୟତର ସମସ୍ତ ଗାଁରେ ଏବେ ବି ବନ୍ୟା ପାଣି ଘେରରେ ଲୋକମାନେ କାଳାତିପାତ କରୁଛନ୍ତି। ଆଇତିପୁର ପଞ୍ଚାୟତର ଆଇତିପୁର, ଡିହବଳରାମପୁର ଓ ବାଲିସିଂ, ଜଳାପୋକ ପଞ୍ଚାୟତର ଜଳାପୋକ, ପକ୍ଷଟ ଓ ଶ୍ରୁତିପୁର ଆଦି ଗ୍ରାମର ଲୋକମାନେ ମୁଖ୍ୟ ନଦୀବନ୍ଧ ରାସ୍ତାରେ ଗୃହପାଳିତ ପଶୁଙ୍କୁ ବାନ୍ଧିଥିବା ବେଳେ ସେମାନଙ୍କୁ ଦେଖାରଖା ପାଇଁ ଗ୍ରାମରୁ କଦଳୀ ଭେଳାରେ ଯିବା ଆସିବା କରୁଛନ୍ତି। ଆଇତିପୁର ଗ୍ରାମର ଅକ୍ଷୟ ବିଶ୍ୱାଳ, ବାଲିସିଂ ଗ୍ରାମର ଗୌରାଙ୍ଗ ସାମଲ ଓ ଡିହବଳରାମପୁର ଗ୍ରାମର ହରିହର ଆଚାର୍ଯ୍ୟ ପ୍ରମୁଖ କହିଛନ୍ତି, ସରକାରୀ ଭାବେ ଲୋକଙ୍କୁ ମିଳୁଥିବା ରିଲିଫ ଓ ପଶୁ ଖାଦ୍ୟ ସମୁଦ୍ରକୁ ଶଙ୍ଖେ। ତେଣୁ ନଦୀବନ୍ଧରେ ଥିବା ଗୋରୁଙ୍କ ଦେଖା ରଖା କରିବାକୁ ଗାଁକୁ ଏକ ସରକାରୀ ଡଙ୍ଗା ଯୋଗାଇ ଦେବାକୁ ଦାବି କରିଛନ୍ତି। ବନ୍ୟା ପାଣି ଘେରରେ ଜଳବନ୍ଦୀ ଥିବା ଗାଁରେ ଏ ପର୍ଯ୍ୟନ୍ତ ମେଡିକାଲ ଟିମ୍ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିନାହିଁ। ଫଳରେ ଜ୍ୱର ଓ ଝାଡାବାନ୍ତି ଭଳି ରୋଗ ଆଗକୁ ଦେଖା ଦେବାର ସମ୍ଭାବନାକୁ ଏଡାଇ ଦେଇ ହେବ ନାହିଁ। ଗ୍ରାମଗୁଡିକରେ ଲୋକଙ୍କ ଘରେ ପାଣି ପଶିଥିବାରୁ ଚୁଲି ଜଳୁନାହିଁ, ବ୍ଲକ ପ୍ରଶାସନ ପକ୍ଷରୁ ମାଗଣାରେ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଖାଇ ଜୀବନ ବିତୁଛି। ଆଇତିପୁର ସମିତିସଭ୍ୟ ତଥା ମାର୍ଶାଘାଇ ବ୍ଲକ ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି ଓ ଜଳାପୋକ ସରପଞ୍ଚ ସୁକାନ୍ତି ମହାନ୍ତି କହିଛନ୍ତି, ଉକ୍ତ ଦୁଇ ପଞ୍ଚାୟତର ଲୋକଙ୍କ ଜୀବିକା ବେଶି ମାତ୍ରାରେ ପ୍ରଭାବିତ ହୋଇଛି। ଚାଷବାସ ଉଜୁଡିଗଲା, ଏଥିପ୍ରତି ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ଅଗ୍ରାଧିକାର ଭିତ୍ତିରେ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

## ବିଭିନ୍ନ ସମସ୍ୟାକୁ ନେଇ ଭାଜପା ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର

ମହାକାଳପଡ଼ା,୧୯।୮(ଡି.ଏନ.ଏ.)

ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ଭାଜପା ପକ୍ଷରୁ ନେତା ଭୁବନ ମୋହନ ଜେନାଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ବ୍ଲକ ଅଞ୍ଚଳରେ ବିଭିନ୍ନ ସମସ୍ୟାକୁ ନେଇ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡାଙ୍କୁ ଶୁକ୍ରବାର ୧୦ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡିକ ହେଲା ଦୀର୍ଘବର୍ଷ ଧରି ଜଙ୍ଗଲ ଜମି ଅଧିକାରକୁ କାର୍ଯ୍ୟକାରୀ କରିବା, ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ପୁନରୁଦ୍ଧାର, ଚଳିତ ବନ୍ୟା କ୍ଷତିଗ୍ରସ୍ତ ବିପନ୍ନଙ୍କୁ ସରକାରୀ ସହାୟତା ପ୍ରଦାନ, ଲୁଣା ଘେରି ବନ୍ଧ ନିର୍ମାଣ, ଆଖଡ଼ାସାହି କ୍ରିକ୍‌କୁ କାର୍ଯ୍ୟକାରୀ କରିବା, ଭାଟେଣି ଭଗ୍ନ ସ୍ଲୁଇସ୍ ଗେଟ୍‌କୁ ପୁନର୍ବାର ନିର୍ମାଣ କରିବା, ବଙ୍ଗୀୟ ଲୋକଙ୍କ ଜେ' ଫର୍ମ ପଟ୍ଟାକୁ ପ୍ରଶାସନ ପକ୍ଷରୁ କଟକଣାକୁ ହଟାଇବା। ଉପକୂଳ ଅଞ୍ଚଳରେ ଦୀର୍ଘ ୭୦ବର୍ଷ ଧରି ଦଳିତ ବର୍ଗର ଚାଷୀ ଓ ଅନ୍ୟ ଚାଷୀମାନେ ଚାଷ ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ଚଳିତବର୍ଷ ଜଙ୍ଗଲ ବିଭାଗର ଅଧିକାରୀମାନେ ଜୋର ଜବରଦସ୍ତ ନିଜ ଦଖଲକୁ ଏହାକୁ ନେଇଛନ୍ତି। ଫଳରେ ଚାଷୀମାନେ ଦୀର୍ଘବର୍ଷର ଚାଷ ଜମି ଦଖଲ ହରାଇବା ସହ ଜୀବିକା ହରାଇଛନ୍ତି। ତୁରନ୍ତ ଚାଷ ଜମିକୁ ଚାଷୀଙ୍କୁ ଫେରାଇବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ଆଗାମୀ ଦୁଇ ସପ୍ତାହ ମଧ୍ୟରେ ୧୦ ଦଫା ଦାବିଗୁଡ଼ିକୁ ପ୍ରଶାସନିକ ଅଧିକାରୀମାନେ କାର୍ଯ୍ୟକାରୀ ନ କଲେ ଦଳ ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଦିଆଯିବ ବୋଲି ଭାଜପା ଟିମର କାର୍ଯ୍ୟକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ ସମୟରେ କୃଷକ ନେତା ପବିତ୍ର ପରିଡ଼ା, ନଗେନ୍ଦ୍ର କୁମାର ବେହେରା, ରୋଜାଲିନ ମହାନ୍ତି, ସୁବାସ ଚନ୍ଦ୍ର ସେଠୀ, ଗୌରବ ଚନ୍ଦ୍ର ଦାସ, ଦେବକାନ୍ତ ପଲାଇ, ରାଜ କିଶୋର ଭୂୟାଁ, ଗୋବିନ୍ଦ ଦାସ, ବଟକୃଷ୍ଣ ବେହେରାଙ୍କ ସମେତ ବହୁ ମହିଳା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହିଦାବିପତ୍ରର ଏକକିତା ନକଲ ରାଜ୍ୟ ସରକାରଙ୍କ ୫-ଟି ସଚିବ, ଜଙ୍ଗଲ ବିଭାଗ ମନ୍ତ୍ରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ, ଶିଳ୍ପ ଓ ଶକ୍ତିମନ୍ତ୍ରୀ, ବିଧାୟକ ରାଜନଗର, ବିଧାୟକ କେନ୍ଦ୍ରାପଡ଼ା, କେନ୍ଦ୍ରାପଡ଼ା ଜିଲାପାଳ, କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି ବୋଲି ଦଳ ପକ୍ଷରୁ କୁହାଯାଇଛି।



ମହାକାଳପଡ଼ା ତହସିଲଦାରଙ୍କୁ ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ମ୍ୟାଲେରିଆ, ଡେଙ୍ଗୁ ମୁକାବିଲା ପାଇଁ ସଚେତନତା ବୈଠକ

ରାଜନଗର, ୧୯।୮(ଡି.ଏନ.ଏ.)

ମ୍ୟାଲେରିଆ ଓ ଡେଙ୍ଗୁର ମୁକାବିଲା ପାଇଁ ସବୁସ୍ତରରେ ସଚେତନତା କରାଯିବ। ରାଜନଗର ପଞ୍ଚାୟତ ସମିତି ସଭାଗୃହରେ ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ରଙ୍କ ପୌରୋହିତ୍ୟରେ ଶୁକ୍ରବାର ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବ୍ଲକ ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ୩୨ନଂ. ଜୋନ ଜିଲା ପରିଷଦ ସଭ୍ୟା ଝୁଙ୍କୁମିନା କୁଅଁର, ୩୦ ନଂ. ଜୋନ ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ଭୋଳାନାଥ ସେଠୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମି ରଞ୍ଜନ ମହାନ୍ତି, ଡା. ପ୍ରଣବ କୁମାର ଶୁକ୍ଳା, ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ବିଆରସିସି ଅଜିତ କୁମାର ବାରିକଙ୍କ ସହ ସମସ୍ତ ସିଆରସିସି, ଅଙ୍ଗନୱାଡି ସୁପରଭାଇଜର ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇଥିଲେ। ସିଆରସିସି, ଅଙ୍ଗନୱାଡି ସୁପରଭାଇଜର ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବିଦ୍ୟାଳୟ ଓ ପ୍ରତି ଗାଁରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବେ। ମ୍ୟାଲେରିଆ, ଡେଙ୍ଗୁ କାହିଁକି ହୁଏ, କେଉଁ ମଶା ଦ୍ୱାରା ଏହା ବ୍ୟାପେ ସେ ନେଇ ଲୋକଙ୍କୁ ବୁଝାଇବା ସହ ଘରର ଆଖପାଖରେ ଭଙ୍ଗା ବକେଟ, ମାଠିଆ, ନଡିଆ ଖୋଳ ଓ ଅନ୍ୟାନ୍ୟ ସାମଗ୍ରୀରେ ପାଣି ଜମିବାକୁ ଦେବା ନାହିଁ। ଏଥିରେ ମଶାମାନେ ଅଣ୍ଡା ଦେବା ସହ ବଂଶ ବିସ୍ତାର କରିଥାନ୍ତି। ମଶାରୀ ବାନ୍ଧି ଶୋଇବା ଏବଂ ଜ୍ୱର ହେଲେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ପରାମର୍ଶ ନେବା ପାଇଁ ଲୋକମାନଙ୍କୁ ସଚେତନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।



ରାଜନଗର ବ୍ଲକରେ ମ୍ୟାଲେରିଆ ଓ ଡେଙ୍ଗୁ ସଚେତନତା ବାର୍ତ୍ତା ଦିଆଯାଉଛି।

# ଡ୍ରେନେଜ୍ ସୁବିଧା ନାହିଁ: ରାସ୍ତା ଉପରେ ପାଣିର ଲହଡ଼ି

ପଟ୍ଟାମୁଣ୍ଡାଇ, ୧୯।୮(ସ୍ୱ.ପ୍ର.)

ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ କେତେକ ସାହି, ବାସ୍ତି ଓ ସହର ବେହାଲ ହୋଇଛି। ଏପରି କି ଜୀବନଯାତ୍ରା ମଧ୍ୟ ଠପ ହୋଇଯାଇଛି। ଡ୍ରେନେଜ୍ ସୁବିଧା ନ ଥିବାରୁ ରାସ୍ତା ଉପରେ ପାଣିର ଲହଡି ମାରୁଛି । ଏ ନେଇ ସ୍ଥାନୀୟ ଲୋକେ ପୌର ପରିଷଦରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଶୁକ୍ରବାର ଏକ ପ୍ରେସ ବିବୃତିରେ ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ ଦାବି ରଖିଛନ୍ତି।

୪ ଦିନ ପୂର୍ବରୁ ୭ଦିନ ଧରି ଲଗାଣ ବର୍ଷା ଲାଗି ରହିଥିଲା। ପୁଣି ଦୁଇଦିନ ହେବ ବର୍ଷା ଲାଗି ରହିଛି। ଫଳରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ଯୋଗୁ ସହରବାସୀ ହନ୍ତସନ୍ତହେଉଛନ୍ତି। ପୌରପରିଷଦର ହେୟ ମନୋଭାବ କାରଣରୁ ଅସରାଏ ବର୍ଷାରେ ପଟ୍ଟାମୁଣ୍ଡାଇ ସହରର ଆଖପାଖ ଅଞ୍ଚଳ ସମ୍ପୂର୍ଣ୍ଣ ଜଳାର୍ଣ୍ଣବ ହୋଇଯାଉଛି। ଠିକ୍ ଭାବେ ଥିବା ଡ୍ରେନକୁ ସଫେଇ କରାଯାଉ ନ ଥିବା କାରଣରୁ ପୌର ପରିଷଦ ଅନ୍ତର୍ଗତ ଅଧିକାଂଶ ନାଳ ଅନାବନା ଗଛରେ ଭର୍ତ୍ତି ହୋଇ ପୋତି ହୋଇଯାଇଛି। କେତେକ ସ୍ଥାନରେ ଡ୍ରେନ ଭାଙ୍ଗି ସମ୍ପୂର୍ଣ୍ଣ ଭାବେ ପରିତ୍ୟକ୍ତ ଅବସ୍ଥାକୁ ଚାଲି ଯାଇଛି। ଯଦିଓ କିଛି ନାଳ ସଫା କରାଯାଇଛି ତଥାପି, ଅଧିକାଂଶ ନାଳ ଆବର୍ଜନାରେ ପୋତି ହୋଇ ରହିଛି। ଲଘୁଚାପ ଜନିତ ବର୍ଷା ପାଣି ନାଳରେ ପ୍ରବାହିତ ନ ହୋଇ ରାସ୍ତା ଉପରେ ପ୍ରବାହିତ ହେଉଛି। ଫଳରେ କୁଢ କୁଢ ଅବର୍ଜନା ସହରର ପ୍ରମୁଖ ରାସ୍ତାଗୁଡିକ ଉପରେ ଜମା ହୋଇ ରହୁଛି। ଯାହା ପରିବେଶକୁ ଅତ୍ୟନ୍ତ ଦୁର୍ଗନ୍ଧମୟ କରିବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ପୌରବାସୀଙ୍କୁ ଉତ୍ତମ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଓ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାକୁ ନାଳ ସଫେଇ କାର୍ଯ୍ୟକୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଘରୋଇ କରଣ କରାଯାଉଛି। ମାତ୍ର ଏହାର କାର୍ଯ୍ୟକାରିତା ଉପରେ ବର୍ତ୍ତମାନ ପୌରବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। ଘରୋଇ ଠିକା ସଂସ୍ଥାକୁ ସଫେଇ କାର୍ଯ୍ୟ ଟେକି ଦେଇ ନିଜେ ପୌର ପରିଷଦ ସ୍ଥାଣୁ ପାଲଟି ଯାଇଥିବା କୁହାଯାଉଛି। ବର୍ଷା ଯୋଗୁ ୧୧ ନଂ. ୱାର୍ଡରେ ସେଠୀସାହି କେତେକ ଘରେ ବର୍ଷା ପାଣି ପଶିଥିବା ଦେଖାଯାଇଛି। ବେଲତଳ ୧୯ ନଂ. ୱାର୍ଡ ପୁରୁଣା କୋର୍ଟ କଲୋନୀର ରାସ୍ତା ଉପରେ ପାଣି ଲହଡି ମାରୁଛି। ସେହିପରି ସ୍ଥାନୀୟ ଅକ୍ସିସ ବ୍ୟାଙ୍କ ଆଗରେ ଆଣ୍ଠୁଏ ଉଚ୍ଚା ପାଣି ଭର୍ତ୍ତି ହୋଇଥିବାରୁ ଯାନବାହନ ଯାତାୟାତରେ ଅସୁବିଧା ହେଉଛି। ଏପରି କି ନିକଟରେ ଥିବା ଘରେ ପାଣି ପଶି ଥିବାରୁ ଲୋକମାନେ ଘରୁ ବାହାରି ପାରୁନାହାନ୍ତି। ଯଦି ପୌର ପ୍ରଶାସନ ଏହାର ତୁରନ୍ତ ସମାଧାନ ନ କରେ ଆଗାମୀଦିନରେ ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ ଅନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁଙ୍କୁ ପଚାରିବାରେ ଡ୍ରେନକୁ ଜବରଦଖଲମାରୀ ମାଡି ଘରଦ୍ୱାର କରିଥିବାରୁ ସଫେଇ କରାଯାଇ ପାରୁନାହିଁ । ଏ ନେଇ ତହସିଲଦାରଙ୍କୁ ଲେଖି ଜଣାଇବୁ। ପ୍ରଶାସନ ପକ୍ଷରୁ ଡ୍ରେନ ଉପରୁ ଜବରଦଖଲ ଉଚ୍ଛେଦ କରାଯିବା ପରେ ସଫେଇ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।



ରାସ୍ତାରେ ପାଣି ଜମି ରହିଥିବାରୁ ଯାତାୟାତରେ ଅସୁବିଧା ହେଉଛି।

### ପଟ୍ଟାମୁଣ୍ଡାଇ ପୌରାଞ୍ଚଳ, ନଗର କଂଗ୍ରେସ ପକ୍ଷରୁ ପ୍ରେସ୍ ବିବୃତି

# ପଙ୍କପାଳରେ ଭୂତଳ ଜଳ ସଙ୍କଟ

ଯାଜପୁର ଅଫିସ/ କଳିଙ୍ଗନଗର (ଡି.ଏନ.ଏ.),୧୯।୮

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଦିନକୁ ଦିନ ଭୂତଳ ଜଳସ୍ତର କମିବାରେ ଲାଗିଛି। ଖରାଦିନେ ଲୋକେ ପାଣି ପାଇଁ ହାହାକାର ହେଉଛନ୍ତି। ଶିଳ୍ପସଂସ୍ଥାଗୁଡିକୁ ଭୂତଳ ଜଳ ବ୍ୟବହାର କରିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଅନୁମତି ଦିଆଯାଉଛି। କିନ୍ତୁ ଶିଳ୍ପସଂସ୍ଥାଗୁଡିକ ଅନୁମତିଠାରୁ ଢେର ଗୁଣରେ ଅଧିକ ଭୂତଳ ଜଳ ବ୍ୟବହାର କରୁଛନ୍ତି। ଏଥିଯୋଗୁ ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବା କଳିଙ୍ଗନଗର ଶିଳ୍ପାଞ୍ଚଳ ଦାନଗଦି ବ୍ଲକ ପଙ୍କପାଳ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏନେଇ ଜଳ ସମ୍ପଦ ବିଭାଗ ଅନୁସଚିବ ବିଧାନ ଚନ୍ଦ୍ର ରାଉତ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ଭୂତଳ ଜଳ ବିଭାଗର ନିର୍ଦ୍ଦେଶକଙ୍କୁ ପତ୍ର ଲେଖିଛନ୍ତି।

ପଙ୍କପାଳ ପଞ୍ଚାୟତ ଅନ୍ତର୍ଗତ ପଙ୍କପାଳ, ଜଟରାପାଳ, ଘୁଷୁରିସାଇ, ହନୁମନ୍ତ ପାଟଣା, ନୂଆ ରାଇଛନ୍ଦା, ମନୋହରପୁର, ଅସନବାହାଳି ପ୍ରଭୃତି ଗ୍ରାମବାସୀ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ମର୍ମରେ ଉପରୋକ୍ତ ଗ୍ରାମର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଲୋକ ଗତ ଜୁଲାଇରେ ଯାଜପୁର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଗ୍ରାମବାସୀଙ୍କ କହିବା ଅନୁସାରେ ନିକଟସ୍ଥ ମିଶ୍ରିଲାଲ କମ୍ପାନୀ ଦୀର୍ଘ ବର୍ଷ ଧରି ଭୂତଳ ଜଳ ବ୍ୟବହାର କରି ଆସୁଛି। ଏହାସହ ଫରନେଓ କମ୍ପାନୀ ଭୂତଳ ଜଳ ବ୍ୟବହାର କରିବାକୁ ଆବେଦନ କରିଛି। ସମ୍ପୃକ୍ତ ଅଞ୍ଚଳର ଭୂତଳ ଜଳସ୍ତର ଅଧିକ ଗଭୀରରେ ରହିଛି। ଗ୍ରୀଷ୍ମଦିନେ ଜଳସ୍ତର ଆହୁରି କମି ଯାଉଛି। ଲୋକମାନେ କୂଅ ଏବଂ ପୋଖରୀର ପାଣି ବ୍ୟବହାର କରି ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଶିଳ୍ପାଞ୍ଚଳର ଖୋଲା କୂଅ ଓ ପୋଖରୀରେ ବିଭିନ୍ନ କାରଖାନାର ଦୂଷିତ ପାଣି, ଧୂଳି ଧୂଆଁ ପଡ଼ି ଅଧିକ ପ୍ରଦୂଷିତ ହେଉଛି, ଯାହା ପାନୀୟ ଉପଯୋଗୀ ନୁହେଁ।



## ତଦନ୍ତ ନିର୍ଦ୍ଦେଶ ଦେଲା ଜଳ ସମ୍ପଦ ବିଭାଗ

ଏଭଳିସ୍ଥିତିରେ ଲୋକମାନେ ଭୂତଳ ଜଳ ନ ପାଇ ହନ୍ତସନ୍ତ ହେଉଛନ୍ତି। ଏନେଇ ପ୍ରଭାବିତ ଗ୍ରାମବାସୀ ଜିଲାପାଳଙ୍କ ସମେତ ସୁକିନ୍ଦା ବିଧାୟକ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ, ଶିଳ୍ପ ସଚିବ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଶିଳ୍ପ ମନ୍ତ୍ରୀ, ଦାନଗଦି ତହସିଲଦାର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ, ଯାଜପୁର ଏସ୍‌ପି, ପଙ୍କପାଳ ସରପଞ୍ଚ ଓ କଳିଙ୍ଗନଗର ଥାନାଧିକାରୀଙ୍କୁ ଅଭିଯୋଗ ପତ୍ର ପଠାଇଥିଲେ।

ଯାଜପୁର ବ୍ଲକରେ ବିଭିନ୍ନ ପ୍ରକାର ଶିଳ୍ପସଂସ୍ଥା ଗଢ଼ି ଉଠୁଥିବାରୁ ଶିଳ୍ପ ପାଇଁ ଜଳ ଆବଶ୍ୟକ ରହିଛି। ତେଣୁ ସଂସ୍ଥାଗୁଡ଼ିକ ନିଜ ନିଜ କାରଖାନା ଅଞ୍ଚଳରେ ବୋର୍‌ୱେଲ ଖନନ କରି ଅଧିକ ଅଶ୍ୱକ୍ଷମତା ବିଶିଷ୍ଟ ବିଦ୍ୟୁତ୍‌ଚାଳିତ ମୋଟର ଲଗାଇ ସେମାନଙ୍କ ଚାହିଦା ପୂରଣ କରୁଛନ୍ତି। ଫଳରେ ଶିଳ୍ପାଞ୍ଚଳ ନିକଟରେ ଥିବା ନଳକୂପ ଓ କୂପର ଜଳ ନିମ୍ନଗାମୀ ହେଉଛି। ପୁନଶ୍ଚ ଶିଳ୍ପାଞ୍ଚଳ ପାଖଦେଇ ବୋହିଯାଉଥିବା ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ଜଳକୁ ସଂଗ୍ରହ କରି କାରଖାନାର ଚାହିଦା ମୁତାବକ ଜଳ ସଂଗ୍ରହ କରୁଛନ୍ତି। ଦାନଗଦି, ଟେଲିବାହାଲି, ସୋଲେଇ, ସିଙ୍ଗାଡ଼ିଆ, ମାନଗୋବିନ୍ଦପୁର, ଧୂଳିଗଡ଼, କଣ୍ଟିପୁର, ବାଲୁଙ୍ଗାବନ୍ଧି, ଯଖପୁରା ଅଞ୍ଚଳରେ ଥିବା ନଳକୂପର ଜଳସ୍ତର ପ୍ରାୟ ହ୍ରାସ ପାଉଛି। ନିୟମାନୁଯାୟୀ ଜିଲାର ଶିଳ୍ପ ସଂସ୍ଥାଗୁଡିକ ଜଳ ସମ୍ପଦ ବିଭାଗ ନିକଟରେ ଚୁକ୍ତି କରି ସେମାନେ କେତେ ପରିମାଣର ଭୂତଳ ଜଳ ବ୍ୟବହାର କରୁଛନ୍ତି ସେନେଇ ଫ୍ଲୋମିଟର ଅନୁସାରେ ଦୈନିକ ରିପୋର୍ଟ ଦାଖଲ କରିବା କଥା। ମାତ୍ର ଜଳ ସମ୍ପଦ ବିଭାଗ ନିକଟରେ ଶିଳ୍ପସଂସ୍ଥାଗୁଡ଼ିକର ବାସ୍ତବ ଭୂତଳ ଜଳ ବ୍ୟବହାର ସମ୍ପର୍କିତ ସବିଶେଷ ତଥ୍ୟ ମିଳୁନାହିଁ। ଫଳରେ ଆଗାମୀ ଦିନରେ ଜଳ ସଙ୍କଟ ଉଗ୍ରରୂପ ରୂପ ନେବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରୁ ମଧ ଶିଳ୍ପସଂସ୍ଥାଗୁଡ଼ିକ ମନଇଚ୍ଛା ଜଳ ସଂଗ୍ରହ କରୁଛନ୍ତି। ଇଡ୍‌କୋ ଆବଶ୍ୟକ ମାପକ ଯନ୍ତ୍ର ପ୍ରତିଷ୍ଠା ନ କରି ଶିଳ୍ପକୁ ଅଯାଚିତ ଭାବେ ଜଳଯୋଗାଣ କରୁଥିବା ଅଭିଯୋଗ ହୋଇଆସୁଛି। ଏହି କ୍ରମରେ ଜଳ ସମ୍ପଦ ବିଭାଗର ତଦନ୍ତ ନିର୍ଦ୍ଦେଶ କେତେଦୂର କାର୍ଯ୍ୟକାରୀ ହେଉଛି ଏବଂ ଭୂତଳ ଜଳ ଅଭାବ ଯୋଗୁ ସମ୍ପୃକ୍ତ ପ୍ରଭାବିତ ଅଞ୍ଚଳବାସୀଙ୍କ ସମସ୍ୟାର ସମାଧାନ ହେଉଛି କି ନାହିଁ ତାହା ସମୟ ହିଁ କହିବ ବୋଲି ମତପ୍ରକାଶ ପାଇଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ପାଣିକୋଇଲି,୧୯।୮(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଗୋଲେଇପୁର ଛକ ନିକଟରେ ଗୁରୁବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉକ୍ତ ଥାନା ଅଧୀନ ଅଳତିରି(ପାଣିକୋଇଲି) ଗ୍ରାମର ପ୍ରଫୁଲ୍ଲ କୁମାର ଉତରାୟଙ୍କ ଏକମାତ୍ର ପୁତ୍ର ରାଜକିଶୋର ଓରଫ୍ ରାଜୁ (୪୦)। ସେ କୌଣସି କାର୍ଯ୍ୟରେ କୁଆଖିଆ ଯାଇ ସ୍କୁଟି ନଂ. ଓଡି-୩୪-ଏନ-୨୭୫୮ ଯୋଗେ ଘରକୁ ଫେରୁଥିଲାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇ ରାସ୍ତାରେ ପଡ଼ି ରହିଥିଲେ। ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସଦସ୍ୟ ଓ ପୋଲିସ ପହଞ୍ଚି ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ ପରିବାର ପକ୍ଷରୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁରୁବାର ସକାଳେ ଏହି ଖବର ପ୍ରଚାରିତ ହେବା ମାତ୍ରେ ପାଣିକୋଇଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ବହୁ ମାନ୍ୟଗଣ୍ୟ ବକ୍ତି, ରାଜନେତା, ଆତ୍ମୀୟସ୍ୱଜନ, ପରିବାର ଓ ଗ୍ରାମବାସୀ ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ମରଶରୀରକୁ ଅଣାଯାଇ ଏକ ଶୋକାକୂଳ ପରିବେଶରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ବାଇକ୍ ଦୁର୍ଘଟଣା, ୨ ଗୁରୁତର

**ପାଣିକୋଇଲି,୧୯।୮(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟୋଲପ୍ଲାଜା ନିକଟରେ ରାସ୍ତା ପାର ହେଉଥିବା ଜଣେ ବ୍ୟବସାୟୀଙ୍କ ସହ ବାଇକ୍ ଆରୋହୀଙ୍କ ଧକ୍କା ହୋଇଛି। ଫଳରେ ଉଭୟ ଗୁରୁତର ହୋଇଛନ୍ତି। ତେବେ ପାଟ୍ରୋଲିଂ ପୋଲିସ ପହଞ୍ଚି ବାଇକ୍ ଜବତ କରିଥିବା ବେଳେ ଗୁରୁତରଙ୍କୁ ଚିକିତ୍ସା ନିମନ୍ତେ ପଠାଇ ନ ଥିଲା। ଫଳରେ ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖା ଦେଇଥିଲା। ପରେ ଉତ୍ୟକ୍ତ ଲୋକେ ବାଇକ୍ ଯୋଗେ ଉଭୟ ଗୁରୁତରଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସୂଚନା ମୁତାବକ, ଉକ୍ତ ଥାନା ଅଧୀନ ସୋଡି ଗ୍ରାମର ଦାମୋଦର ନାଥଙ୍କ ପୁଅ ବିରଞ୍ଚି(୨୪) ଟୋଲଗୋଟ ନିକଟରେ ବ୍ୟବସାୟ କରନ୍ତି। ଗୁରୁବାର ରାତିରେ ସେ ଟୋଲ୍‌ଗେଟ ନିକଟରେ ରାସ୍ତା ପାର ହେଉଥିଲେ। ଏହି ସମୟରେ ପାଣିକୋଇଲି ପଟୁ ଏକ ବାଇକ ଚାଳକ ଆସି ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ବାଇକ ଆରୋହୀ ଓ ବ୍ୟବସାୟୀ ଗୁରୁତର ହୋଇଥିଲେ। ବାଇକ ଆରୋହୀ ଜଣକ ବାଲିଚନ୍ଦ୍ରପୁର ଅଞ୍ଚଳର ସେକ୍ ବାବୁ ବୋଲି ଜଣାପଡ଼ିଛି। ସେ କୌଣସି କାମରେ ଆସି ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟାଇଥିବା କୁହାଯାଉଛି।

# ଇଚ୍ଛାଶକ୍ତି ଅଭାବରୁ ଅଟକିଛି ସ୍ଥାୟୀ ପ୍ରତିକାର

## ରାଜ୍ୟରେ ବନ୍ୟା ଦୁର୍ଦ୍ଦଶା

ଯାଜପୁର ଅଫିସ,୧୯।୮

ରାଜ୍ୟରେ ପ୍ରବାହିତ ମହାନଦୀ ସମେତ ବୈତରଣୀ, ବ୍ରାହ୍ମଣୀ, ବିରୂପା ଓ ଖରସ୍ରୋତା ନଦୀ ଏବଂ ଏହାର ଶାଖାନଦୀମାନଙ୍କରେ ପ୍ରାୟ ପ୍ରତିବର୍ଷ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। କେତେକ ନଦୀବନ୍ଧ ନିର୍ମାଣ ଓ ମରାମତି କରି ବନ୍ୟା ପରିସ୍ଥିତିର ମୁକାବିଲା ହୋଇପାରିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି। ହେଲେ ଏହାର ସ୍ଥାୟୀ ପ୍ରତିକାର ଦିଗରେ ସରକାରଙ୍କ କୌଣସି ଆନ୍ତରିକତା ନ ଥିବା ମନେ ହେଉଛି। ନେତାମାନେ ପ୍ରାକୃତିକ ବିପର୍ଯ୍ୟୟ ଆଳରେ ହାତ ଟେକି ଦେଇଛନ୍ତି। ବରିଷ୍ଠ ଶ୍ରମିକ ନେତା ମାୟାଧର ନାୟକ ରାଜ୍ୟ ସ୍ଥାୟୀ ବନ୍ୟା ନିୟନ୍ତ୍ରଣ ସମ୍ଭବ ବୋଲି କହିବା ସହ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି।

ଏକ ପ୍ରେସ୍ ବିଜ୍ଞପ୍ତିରେ ଶ୍ରମିକ ନେତା ନାୟକ କହିଛନ୍ତି ଯେ, ମହାନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ଟିକରପଡ଼ାରେ ଦ୍ୱିତୀୟ ବନ୍ଧ ନିର୍ମାଣ କରିବା ନିମନ୍ତେ ଦୀର୍ଘ ୬୦ ବର୍ଷ ହେଲା ଆଲୋଚନା ଚାଲିଛି। ଆଜି ସେଇ ଏକା କଥା ସରକାର କହୁଛନ୍ତି। ଏହି ୬୦ ବର୍ଷ ଭିତରେ ବନ୍ୟା କେତେ ଯେ ଧନଜୀବନ, ଫସଲ ନଷ୍ଟ କରିଦେଇଛି ତା'ର ହିସାବ କାହାରି ପାଖରେ ନାହିଁ। କେବଳ ବନ୍ୟା ନୁହେଁ, ମରୁଡ଼ି ଭଳି ପରିସ୍ଥିତି ଓଡ଼ିଶାବାସୀଙ୍କ ଦେହସୁହା ହୋଇଗଲାଣି। ଯେଉଁ ବିପଦକୁ ରୋକିବା ପାଇଁ ଶହେ ଟଙ୍କା ଖର୍ଚ୍ଚ କରିଥାନ୍ତେ, ସେଭଳି ବିପଦ ପଡ଼ିଲା ପରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଲେ ବି ସୁଫଳ ମିଳୁନି। ଦୂରଦୃଷ୍ଟିସମ୍ପନ୍ନ ବୈଜ୍ଞାନିକ, ଇଞ୍ଜିନିୟର ଓ କାରିଗରି ଜ୍ଞାନକୌଶଳରେ ନିପୁଣ ବ୍ୟକ୍ତିମାନଙ୍କୁ ନେଇ ଏବଂ ସବୁ ସ୍ଥାନରୁ ମତାମତ ସଂଗ୍ରହ କରି ପ୍ରାକୃତିକ ବିପର୍ଯ୍ୟୟର ସ୍ଥାୟୀ ପ୍ରତିକାର ନିମନ୍ତେ ଉପାୟ ବାହାର କରାଯିବା ଉଚିତ। ଏଥିପାଇଁ ନେତା ଏବଂ ପ୍ରଶାସକଙ୍କ ପ୍ରବଳ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ତୁରନ୍ତ ନଈନାଳରୁ ପଟୁ ମାଟି ବାହାର କରିବା, ନଦୀବନ୍ଧକୁ ମଜଭୁତ୍ କରିବା, ଅଧିକ କେନାଲ, ଡ୍ୟାମ୍, ବନ୍ଧ ନିର୍ମାଣ କରିବା, କେନାଲ ବନ୍ଧ କଡ଼ରେ ଚାରା ରୋପଣ ନିହାତି ଆବଶ୍ୟକ। ବିଶେଷକରି ମହାନଦୀକୁ ସବୁ ନଦୀ, କେନାଲ ସହ ସଂଯୋଗ କରି ରିଭରଗ୍ରିଡ୍ ସୃଷ୍ଟି କରିବା ଜରୁରୀ। ଏହାଦ୍ୱାରା ହୀରାକୁଦ ପାଣି କିମ୍ବା ରେଙ୍ଗାଲି ଡ୍ୟାମ ପାଣି ଛାଡ଼ିଲେ ମହାନଦୀ, ବ୍ରାହ୍ମଣୀ ଦେଇ ଆସିଲାବେଳକୁ ଅନ୍ୟାନ୍ୟ ନଦୀ, ନାଳ ଦେଇ ଜଳ ପ୍ରବାହିତ ହେବ। ଫଳରେ ବନ୍ୟାକୁ ନିୟନ୍ତ୍ରଣ କରାଯାଇପାରିବ। ବର୍ଷା ଓ ବନ୍ୟା ଜଳକୁ ବିଭିନ୍ନ ସ୍ଥାନରେ ସଂରକ୍ଷିତ କରାଯାଇ ଜଳସେଚନର ବନ୍ଦୋବସ୍ତ କରିହେବ ବୋଲି ନାୟକ କହିଛନ୍ତି।


ପାଣିଘେରରେ ଦଶରଥପୁର ଅଞ୍ଚଳ।

# ଗୋପୀନାଥ ଜୀଉ ମନ୍ଦିରରେ ନନ୍ଦ ଉତ୍ସବ

ବ୍ରହ୍ମବରଦା,୧୯।୮(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଛେନାଖିଆ ପାଟଣାସ୍ଥିତ ଗୋପୀନାଥ ମନ୍ଦିରରେ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ମନ୍ଦିରରେ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ପ୍ରଭୁ ଶ୍ରୀକୃଷ୍ଣଙ୍କ ପୂଜାପାଠ ସହ ଜନ୍ମ ଉତ୍ସବ ପାଳନ କରିଥିଲେ। ମନ୍ଦିର ପ୍ରାଙ୍ଗଣରେ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିଲା। ମନ୍ଦିର କମିଟି ସଭାପତି ଅରୁଣ କୁମାର ବେହେରା, ସମ୍ପାଦକ ସନାତନ ମଣ୍ଡଳ, କୋଷାଧ୍ୟକ୍ଷ ନବଘନ ବେହେରା, ଗୋପୀନାଥ ବେହେରା, ଗୋପନାଥ ଗିରି, ଉଦୟ ନାଥ ବେହେରା ଓ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ। ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର କଳାକାରଙ୍କୁ ସମ୍ମାନିତ କରାଯାଇଥିଲା।



# ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହୋତ୍ସବ


ଜନ୍ମାଷ୍ଟମୀ ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଛତିଆ,୧୯।୮(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ନିକଟସ୍ଥ ବିଦ୍ୟାଧରପୁର ଇସ୍କନ ମନ୍ଦିର ପକ୍ଷରୁ ଜନ୍ମାଷ୍ଟମୀ ମହୋତ୍ସବ ଦୁଇ ଦିନ ଧରି ପାଳିତ ହୋଇଯାଇଛି। ଏହି ଅବସରରେ ଅଖଣ୍ଡ ହରିନାମ ସଙ୍କୀର୍ତ୍ତନ, ନଗର ଭ୍ରମଣ, ଶ୍ରୀକୃଷ୍ଣଙ୍କ ଜନ୍ମଲୀଳା କଥା, ସନ୍ଧ୍ୟା ଆଳତି, ମହାଅଭିଷେକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ମହୋତ୍ସବରେ ଯୋଗଦାନ କରିଥିବା ଦେଖିବାକୁ ମିଳିଥିଲା। ଭାଗବତ ପ୍ରବଚକ ଶ୍ରୀପାଦ ନାମ ଚାର୍ଜଦାସଙ୍କ ଦ୍ୱାରା ଭଗବତ କଥା ପରିବେଷଣ କରାଯାଇଥିଲା। ସଚୀ ପ୍ରାଣଧନ ଦାସ, ପ୍ରଜାପତି ଗୌତମ ଦାସ, ବୃହତ ନୃସିଂହ ଦାସ, ମାଖନ ପ୍ରିୟ ଦାସ, ଗଙ୍ଗାଗୌର ଦାସ, ରଘୁପତି ଦାସ, ମହାବଳୀ ଗଦାଧର ଦାସ, ରମାଇ ପଣ୍ଡିତ ଦାସ, ଦାରୁକା ଦାସ ପ୍ରମୁଖ ମହୋତ୍ସବକୁ ପରିଚାଳନା କରିଥିଲେ। ସମସ୍ତ ଇସ୍କନ ଭକ୍ତ ସହଯୋଗ କରିଥିଲେ।

# ସାପ କାମୁଡ଼ାରେ ଯୁବକ ଗୁରୁତର

ପାଣିକୋଇଲି,୧୯।୮(ଡି.ଏନ.ଏ.)

କୋରେଇ ବ୍ଲକ ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତ ସୋଡି ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ହେଲେ ଗ୍ରାମର ଶ୍ୟାମସୁନ୍ଦର ମାଝିଙ୍କ ପୁଅ ଧନେଶ୍ୱର(୩୨)। ଗୁରୁବାର ସନ୍ଧ୍ୟାରେ ଧନେଶ୍ୱର ତାଙ୍କ ଗ୍ରାମ ନିକଟସ୍ଥ ବନ୍ଧ ରାସ୍ତାରେ ଯାଉଥିବା ବେଳେ ଏକ ସାପ ଉପରେ ଅଜାଣତରେ ଗୋଡ଼ ପଡ଼ିଯିବାରୁ ତାଙ୍କୁ କାମୁଡ଼ି ଦେଇଥିଲା। ଫଳରେ ଧନେଶ୍ୱର କିଛି ସମୟ ପରେ ସଂଜ୍ଞାହୀନ ହୋଇ ଯାଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏବେ ସେ ସେଠାରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

# ଭୁଶୁଡ଼ିବା ଅବସ୍ଥାରେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବାସଭବନ

ଜେନାପୁର,୧୯।୮(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁରଠାରେ ଥିବା ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସରକାରୀ ବାସଭବନ ଏବେ ଭୁଶୁଡ଼ିବା ଅବସ୍ଥାରେ ରହିଛି। ଘରଟି ବହୁ ପୁରାତନ ହୋଇଥିବାରୁ କାନ୍ଥ ଫାଟିଗଲାଣି। ଛାତର ରଡ୍ ଦେଖାଯାଉଛି। ପ୍ଲାଷ୍ଟର ଖସି ପଡୁଛି। ଏବେ ବର୍ଷାଦିନ ହୋଇଥିବାରୁ ଅନବରତ ବର୍ଷା ପାଣି ଛାତରୁ ଗଳି ଘରଗୁଡ଼ିକ ଜଳମଗ୍ନ ହେଉଛି। ଫଳରେ କୌଣସି କାର୍ଯ୍ୟ କରିବା ସମ୍ଭବ ହୋଇପାରୁନାହିଁ। ଘରେ ଥିବା ଆସବାବପତ୍ର, ସରକାରଙ୍କ ଦରକାରୀ କାଗଜପତ୍ରଗୁଡ଼ିକ ପାଣି ପଡ଼ି ନଷ୍ଟ ହେବାକୁ ବସିଲାଣି। ଏହି ଗୃହ ଏବେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। କିନ୍ତୁ ଏଥିପ୍ରତି କେହି ଦୃଷ୍ଟି ନ ଦେବାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏଠାରେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଗୃହ ଛଡ଼ା ମେଡିକାଲର ଅନ୍ୟ କୌଣସି କର୍ମଚାରୀଙ୍କ ପାଇଁ ଗୃହ ନ ଥିବା ପରିତାପର ବିଷୟ ପାଲଟିଛି। ତେଣୁ ସମସ୍ତ ମେଡିକାଲ କର୍ମଚାରୀଙ୍କ ପାଇଁ ଗୃହ ନିର୍ମାଣ କରିବା ସହ ମହିଳା ସ୍ୱାସ୍ଥ୍ୟ କର୍ମୀ ରହୁଥିବା ଗୃହକୁ ପୁନଃ ନିର୍ମାଣ କରିବାକୁ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ହୋଇଛି।


ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବାସଭବନ ଛାତରୁ ପ୍ଲାଷ୍ଟର ଖସୁଛି।

# କଖାରୁ କ୍ଷେତ ଉଜାଡ଼ିଦେଲେ ଚାଷୀ

ରସୁଲପୁର,୧୯।୮(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଞ୍ଚଳର ଚାଷୀ ପରିବା ଚାଷକୁ ପ୍ରାଧାନ୍ୟ ଦିଅନ୍ତି। ମାତ୍ର ଚଳିତ ଖରିଫ ଋତୁରେ ପ୍ରତିକୂଳ ପାଣିପାଗ ଯୋଗୁ ଅଞ୍ଚଳରେ କଖାରୁ ଚାଷ ପ୍ରଭାବିତ ହୋଇଛି। କଖାରୁରେ ଭୁରୁଙ୍ଗା ରୋଗ ଯୋଗୁ ଏକାଧିକ ଏକର ଫସଲକୁ ଚାଷୀ ଉଜାଡ଼ି ଦେଇଛନ୍ତି। ଏବେ ଆଗୁଆ ରବିଋତୁ ଫସଲ ପାଇଁ ଚାଷୀ ପ୍ରସ୍ତୁତ ହେଉଛନ୍ତି। ହେଲେ କଖାରୁ ଚାଷରେ ଚାଷୀ ବହୁ କ୍ଷତି ସହିଥିବା କୁହାଯାଉଛି। ଏଥର କ୍ଷେତରେ ବିନିଯୋଗ ଅର୍ଥକୁ ବି ଚାଷୀ ଉଠାଇ ପାରିନାହାନ୍ତି। ଏଭଳି ସ୍ଥିତି ପାଇଁ କେବଳ ପ୍ରତିକୂଳ ପାଣିପାଗ ପ୍ରମୁଖ ଦାୟୀ ବୋଲି ଚାଷୀ ଅଭିଯୋଗ କରିଛନ୍ତି।

କଖାରୁ ଏକ ସ୍ୱଳ୍ପ ମିଆଦୀ ପରିବା ଚାଷ ଭାବରେ ଚାଷୀଙ୍କ ବିଶେଷ ପସନ୍ଦ ରହିଥାଏ। ଗୋଟିଏ ଏକର କଖାରୁ ଚାଷ ପାଇଁ ୭୦୦ ଗ୍ରାମରୁ ୧ କେ.ଜି. ପର୍ଯ୍ୟନ୍ତ ମଞ୍ଜି ଆବଶ୍ୟକ ପଡ଼ିଥାଏ। ଉନ୍ନତ କିସମର ମଞ୍ଜି ବାବଦକୁ କେଜି ପିଛା ୧୦ରୁ ୧୫ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପଡ଼େ। ଏହାଛଡା କ୍ଷେତର ବେଉଷଣ, ସାର ଔଷଧ, ଜଳସେଚନ ଆଦି କ୍ଷେତ୍ରରେ ବହୁତ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏହି ଆଧାରରେ ୧ ଏକର କ୍ଷେତରେ ୪୦ରୁ ୫୦ହଜାର ଟଙ୍କା ଅର୍ଥ ଖର୍ଚ୍ଚ ହୋଇଥାଏ। ଭଲ ଅମଳ ହେଲେ ଗୋଟିଏ ଏକର କ୍ଷେତରୁ ୧୫୦ରୁ ୨୦୦ କୁଇଣ୍ଟାଲ ପର୍ଯ୍ୟନ୍ତ କଖାରୁ ଅମଳ ହୋଇଥାଏ। ଏହା କୁଇଣ୍ଟାଲ ପିଛା ୮୦୦ ରୁ ୧୦୦୦ଟଙ୍କାରେ ବିକ୍ରି କରାଗଲେ ଏକରରୁ ଅନ୍ୟୂନ୍ ୧ଲକ୍ଷରୁ ୧.୫ ଲକ୍ଷ ଟଙ୍କା ବିକ୍ରି ହେବା ସମ୍ଭାବନା ଥାଏ। ଚାଷ ଆରମ୍ଭର ୨ରୁ ୩ମାସ ମଧ୍ୟରେ ଚାଷୀ ସ୍ୱଳ୍ପ ଖର୍ଚ୍ଚରେ ଆୟକୁ ଦ୍ୱିଗୁଣିତ କରିବାକୁ ସୁଯୋଗ ମିଳିଥାଏ। ହେଲେ ଏଥର କଖାରୁ ଚାଷରେ ଚାଷୀଙ୍କ ସବୁ ଅଙ୍କ ଭୁଲ ହୋଇଯାଇଛି। କ୍ଷେତରେ ଖର୍ଚ୍ଚ ହୋଇଥିବା ଅର୍ଥ ଉଠାଇବାରେ ଚାଷୀ ବିଫଳ ହୋଇଛନ୍ତି।

ଏନେଇ ଚାଷୀଙ୍କ ପ୍ରତିକ୍ରିୟା ନେବାରୁ ଜଣାଯାଇଛି କି ଲଗାଣ ବର୍ଷା ସାଙ୍ଗକୁ ଖରା ସମୟରେ ଅଧିକ ତାପମାତ୍ରା ଯୋଗୁ କଖାରୁ ଫସଲ ଉଜୁଡ଼ି ଗଲା। ମଞ୍ଜି ଲଗାଇବା ସମୟରେ ଅତ୍ୟଧିକ ଖରା ଯୋଗୁ ଗଛ ବଞ୍ଚାଇବା ସହଜ ହେଲାନାହିଁ। ଯେତେକ ବଞ୍ଚିଲା ଲଗାଣ ବର୍ଷା ଯୋଗୁ ସେଥିରେ ଭୁରୁଙ୍ଗା ରୋଗ ଦେଖାଦେଲା। ଯେତେ ପ୍ରକାର ଔଷଧ ସିଞ୍ଚନ ଓ ଉପଚାର କଲାପରେ ବି କୌଣସି ସୁଫଳ ମିଳିଲା ନାହିଁ ବୋଲି ଚାଷୀ ସଞ୍ଜୟ ରାଉତ ମତ ରଖିଛନ୍ତି। ମୂଳ ଲତା ମରିଗଲା ପରେ ଗଜାର ଲତାରୁ କିଛି ଫଳ ଆସିଲେ ଖର୍ଚ୍ଚ ଭରଣା ହେବ ବୋଲି ଚାଷୀ ଆଶା କରିଥିଲେ। ମାତ୍ର ଲଗାଣ ବର୍ଷା ଯୋଗୁ ଗଜରା ଲତାର ଫଳତକ ବି ପଚିଗଲା। କ୍ଷେତକୁ ଚାଷୀ ଯିବା ସମ୍ଭବପର ହେଲା ନାହିଁ। ଏଭଳି ସ୍ଥିତିରେ କ୍ଷେତକୁ ଉଜାଡି ଦେବା ସାର ବୋଲି ଜାଣି ଚାଷୀ କଖାରୁ କ୍ଷେତରେ ଗୋରୁ ଛାଡ଼ିଦେଲେ। କ୍ଷେତକୁ ସଫା କରିବା ପରେ ରବି ଫସଲ ପାଇଁ ପ୍ରସ୍ତୁତି କରାଯିବ। ଏହାଛଡ଼ା ବର୍ଷା ଦିନିଆ କଲରା, ଭେଣ୍ଡି, କାକୁଡି, ଛଚିନ୍ଦ୍ରା, ଝୁଡ଼ଙ୍ଗ ଆଦି ପରିବା ଚାଷ ବି ଉଜୁଡି ଯାଇଛି। ପାଣିପାଗର ଅନିୟମିତତା ଯୋଗୁ ପରିବାଚାଷରେ ମରୁଡି ସ୍ଥିତି ଉପୁଜୁଛି। ଏବେ ଦେଶୀ ପରିବା ଉତ୍ପାଦନ ଏକପ୍ରକାର ଠପ୍ ହୋଇଯାଇଛି। ସ୍ଥାନୀୟ ପରିବା ଉତ୍ପାଦନ ବନ୍ଦ ହୋଇଯିବା ଦ୍ୱାରା ଏବେ ପରିବା ବଜାରଦର ଆକାଶ ଛୁଆଁ ହୋଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ ସହ ରବିଋତୁ ଚାଷ ପାଇଁ ମାଗଣାରେ କୃଷି ସାମଗ୍ରୀ ଓ ବିନା ସୁଧରେ ଋଣ ପ୍ରଦାନ କରିବାକୁ ଚାଷୀ ଦାବି କରିଛନ୍ତି।


କଖାରୁ କ୍ଷେତରେ ଗୋରୁ ଚରୁଛନ୍ତି।

- ପ୍ରତିକୂଳ ପାଣିପାଗ ଯୋଗୁ ଫସଲ ହେଲାନି
- କ୍ଷତିପୂରଣ ପ୍ରଦାନ ପାଇଁ ଚାଷୀ ମହଲରେ ଦାବି

## ସଂକ୍ଷେପରେ

### ୨୦ ଲିଟର ଦେଶୀ ମଦ ଜବତ, ଜଣେ ଗିରଫ



ରଣପୁର, ୧୯।୮(ସ୍ୱ.ପ୍ର.): ରଣପୁର ଥାନା ଅଧୀନରେ ଥିବା କୁଳସାର ଗାଁରେ ଗୁରୁବାର ରାତ୍ରିରେ ସୁନାଖଳା ଫାଣ୍ଡି ପୋଲିସ ଚଢ଼ାଉ କରି ଜଣେ ମଦ ବ୍ୟବସାୟୀଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୦ ଲିଟର ଦେଶୀ ମଦ ଜବତ କରିଛି। ଏ ନେଇ ରଣପୁର ଥାନାରେ ନଂ.୨୦୦/୨୨ରେ ମାମଲା ରୁଜୁ ହୋଇଥିବା ବେଳେ ବ୍ୟବସାୟୀ ବାଙ୍କାନିଧି ନାୟକ (୩୨)ଙ୍କୁ ଗିରଫ କରାଯାଇ ଶୁକ୍ରବାର ରଣପୁର କୋର୍ଟକୁ ଚାଲାଣ କରାଯାଇଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, କୁଳସାର ଗ୍ରାମରେ ଥିବା ଦଣ୍ଡକୁଳ ବନ୍ଧଠାରେ ବେଆଇନ ଭାବେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବାଙ୍କାନିଧି ଦେଶୀ ମଦ ବିକ୍ରି କରନ୍ତି। ବିଶେଷ ସୂତ୍ରରୁ ଖବରପାଇ ସୁନାଖେଳା ଫାଣ୍ଡି ଅଧିକାରୀ ପ୍ରୀତି ପ୍ରକାଶ ମହାନ୍ତି ସଦଳବଳ ଚଢ଼ାଉ କରିଥିଲେ। ସେଠାରୁ ତିନିଟି ଜାରକିନିରେ ରଖାଯାଇଥିବା ୨୦ ଲିଟର ଦେଶୀ ମଦ ଜବତ କରିଥିଲେ।

### ଜନ୍ମାଷ୍ଟମୀ, ନନ୍ଦ ଉତ୍ସବ



ନୟାଗଡ଼ ଅଫିସ,୧୯।୮: ଜନ୍ମାଷ୍ଟମୀ ଅବସରରେ ନୟାଗଡ଼ ବ୍ଲକ ମାଛିପଡା ଗାଁରେ ବଡ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ଓ ନନ୍ଦ ଉତ୍ସବ ପର୍ବ ପାଳିତ ହୋଇଯାଇଛି। ମାଛିପଡ଼ାର ନବ ନିର୍ମିତ ଶ୍ରୀରାଧାକୃଷ୍ଣଙ୍କ ମନ୍ଦିରରୁ ବିଗ୍ରହ ବିମାନ ଯୋଗେ ମନ୍ଦିରରୁ ବାହାରି ନଗର ପରିକ୍ରମା କରିଥିଲେ। ଗୋପାଳସାହିସ୍ଥିତ ଭାଗବତ ଗୃହ ପ୍ରାଙ୍ଗଣରେ ଅନୁଷ୍ଠିତ ହେଉଥିବା ଜନ୍ମାଷ୍ଟମୀ ଯାତ୍ରା ଉତ୍ସବରେ ଯୋଗ ଦେଇଥିଲେ। ପରେ ଶୁକ୍ରବାର ନନ୍ଦ ଉତ୍ସବ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଦୁଇ ମେଳ ଓଡ଼ିଶୀ ସଂକୀର୍ତ୍ତନ ଦଳ ସେମାନଙ୍କ କଳା ନୈପୁନ୍ୟତା ଦେଖାଇଥିଲେ। ନୟାଗଡ଼ର ବିଧାୟକ ଅରୁଣ କୁମାର ସାହୁ ଏଥିରେ ଯୋଗ ଦେଇଥିଲେ।

### ଡେଙ୍ଗୁ ରୋଗୀ ଚିହ୍ନଟ

ବ୍ରହ୍ମପୁର ଅଫିସ, ୧୯।୮: ଗଞ୍ଜାମ ଜିଲାରେ ଦିନକୁ ଦିନ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ଛତ୍ରପୁର ବ୍ଲକ ଅଧୀନ ଚମାଖଣ୍ଡିର ୩୨ ବର୍ଷର ଯୁବକଙ୍କୁ ଜ୍ୱର ଲାଗି ରହିଥିଲା। ତାଙ୍କର ଡେଙ୍ଗୁ ପରୀକ୍ଷା ପରେ ଶୁକ୍ରବାର ତାଙ୍କର ନମୁନା ପଜିଟିଭ ଆସିଛି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଡେଙ୍ଗୁ ଆକ୍ରାନ୍ତ ଜଣଙ୍କ ନିଜ ଗାଁରେ ରହୁଥିବା ବେଳେ ସେ ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ ବୋଲି ସ୍ୱାସ୍ଥ୍ୟ ବିଭାଗ ଜାଣିବାକୁ ପାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସ୍ୱାଭାବିକ ରହିଥିବା ଜଣାପଡ଼ିଛି। ଅନ୍ୟପଟେ ଜିଲାରେ ଶୁକ୍ରବାର ଡେଙ୍ଗୁ ଆକ୍ରାନ୍ତ ରୋଗୀଙ୍କୁ ମିଶାଇ ଏଯାବତ ୧୧ ଜଣ ଚିହ୍ନଟ ହୋଇ ସାରିଲେଣି।

# ବନ୍ୟାବିପନ୍ନଙ୍କୁ ଅଣଦେଖା, ମିଳୁନି ସହାୟତା

ନୟାଗଡ଼ ଅଫିସ,୧୯।୮

ନୟାଗଡ଼ ଜିଲାର ଗଣିଆ, ଭାପୁର ଓ ଖଣ୍ଡପଡ଼ା ବ୍ଲକରେ ମହାନଦୀ ବନ୍ୟା ଦାଉ ସାଧିଛି। ଗଣିଆ ବ୍ଲକର ୩୪, ଭାପୁରରେ ୫, ଖଣ୍ଡପଡାରେ ୧ ଓ ୭ଟି ଗାଁ ଯେଉଁଠାରେ ଲୋକନାହାନ୍ତି ବନ୍ୟା ପାଣି ଘେରି ରହିଛି। ତେବେ ଗଣିଆ ବ୍ଲକର ଅନେକ ଗାଁରେ ବନ୍ୟା ବିପନ୍ନଙ୍କ ଦୁଃଖ ପ୍ରଶାସନ ଓ ସରକାରଙ୍କ ପାଖରେ ପହଞ୍ଚୁନି। ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଗାଁରେ ଗୋ ଖାଦ୍ୟ କି ଚୁଡ଼ା, ଗୁଡ଼ ଦିଆଯାଇନାହିଁ। ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜରେ ନୟାଗଡ଼ ଜିଲାର ନାଁ ନାହିଁ। ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ, ଅନୁଗୋଳ ପରି ଜିଲାରେ କେଉଁଠି ୧୫ ଦିନ ଓ ୫ ଦିନ ରିଲିଫ ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ପରେ ନୟାଗଡ଼ ଜିଲାକୁ ଅଣଦେଖା କରିଥିବା ଅଭିଯୋଗ ଉଠିଛି।

ଏ ନେଇ ସିପିଆଇଏମ୍‌ର ବରିଷ୍ଠ ନେତା ବିଶ୍ୱନାଥ ମହାପାତ୍ର କୁହନ୍ତି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପ୍ୟାକେଜରେ ନୟାଗଡ଼ ଜିଲାର ନାଁ ନ ରହିବା ଦୁର୍ଭଗ୍ୟର ବିଷୟ। ନୟାଗଡ଼ ଜିଲାର ବିପନ୍ନଙ୍କ ଦୁଃଖକୁ ବୋଧ ହୁଏ ଜିଲା ପ୍ରଶାସନ ରାଜ୍ୟ ସରକାରଙ୍କୁ ଅବଗତ କରାଇ ପାରିଲା ନାହିଁ। ଏଣୁ ମୁଖ୍ୟମନ୍ତ୍ରୀ ଏହାର ପୁନଃବିଚାର କରି ନୟାଗଡ଼ ଜିଲାକୁ ରିଲିଫ ପ୍ୟାକେଜ ଦିଅନ୍ତୁ। କଂଗ୍ରେସ ଜିଲା ସଭାପତି ରଣଜିତ୍ ଦାଶ କୁହନ୍ତି, ନୟାଗଡ଼ର ବନ୍ୟା ବିପନ୍ନ କେତେ ଦୁଃଖରେ ଅଛନ୍ତି ପ୍ରଶାସନ ଓ ସରକାର କୁତୁରି ଗାଁକୁ ଗଲେ ଜାଣି ପାରିବେ। ଗଣିଆର ଯେଉଁ ଗାଁଗୁଡିକ ଜଳବନ୍ଦୀରେ ରହିଛି ସେଠାରେ ଜିଲା ଓ ବ୍ଲକ ପ୍ରଶାସନ ପହଞ୍ଚି ପାରିନାହିଁ। ବନ୍ୟା ବିପନ୍ନ ପିଇବାକୁ ଓ ରୋଷେଇ କରିବାକୁ ପାଣି ପାଉନାହାନ୍ତି। ମୁଖ୍ୟମନ୍ତ୍ରୀ ତୁରନ୍ତ ବିପନ୍ନମାନଙ୍କୁ ରିଲିଫ୍ ଦେବାର ବ୍ୟବସ୍ଥା କରନ୍ତୁ। ପ୍ରଶାସନ ବିପନ୍ନଙ୍କ ଦୁଃଖକୁ ସରକାରଙ୍କୁ ତୁରନ୍ତ ଅବଗତ କରାନ୍ତୁ। ଭାଜପାର ଜିଲା ସଭାପତି ଲାଲା ମନୋଜ ରାୟ କୁହନ୍ତି, ନୟାଗଡ଼ ଜିଲାର ବନ୍ୟା ବିପନ୍ନଙ୍କ ଅସୁବିଧା ସମ୍ପର୍କରେ ମୁଖ୍ୟ ସଚିବଙ୍କୁ ଅବଗତ କରାଇଛି। ସରକାର ନୟାଗଡ଼ ଜିଲାକୁ ଅଣଦେଖା କରିଥିବା ପ୍ରମାଣିତ ହୋଉଛି। ସ୍ଥାନୀୟ ବିପନ୍ନଙ୍କ ଦୁଃଖକୁ ଦେଖି ତୁରନ୍ତ ରିଲିଫ ଉପକରଣ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦିଅନ୍ତୁ। କୁତୁରୀ ଗାଁର ପ୍ରମୋଦ ପ୍ରଧାନ କୁହନ୍ତି, ଗାଁର ଲୋକମାନେ ବନ୍ୟା ଯୋଗୁ ଖାଇବାକୁ ନ ପାଇ ଛଟପଟ ହେଉଛନ୍ତି। ଗାଁରେ ପ୍ରଶାସନ କି ରାଜନେତା କେହି ପହଞ୍ଚିଲେନି। ସରକାର ବି ଆମ ସହ ଖେଳ ଖେଳି ରିଲିଫ୍‌ରେ ନାଁକୁ ରଖିଲେ ନାହିଁ। ଏହା ଦୁର୍ଭାଗ୍ୟର ବିଷୟ। ଜିଲାର ୪ ଜଣ ଶାସକ ଦଳର ବିଧାୟକ ଥାଇ ବିପନ୍ନମାନଙ୍କୁ ଅଣଦେଖା କରାଯାଇଛି।



ଗଣିଆ ବ୍ଲକ କୁତୁରୀ ଗାଁ ରାସ୍ତାରେ ପାଣି।

### ସରକାରଙ୍କ ରିଲିଫ୍ ତାଲିକାରେ ନୟାଗଡ଼ର ନାଁ ନାହିଁ

### ୨ ଘଣ୍ଟା ପାଇଁ ବିଦ୍ୟୁତ୍ ଜଳିଥିଲା

ବନ୍ୟାର ୬ଷ୍ଠ ଦିବସ ରାତିରେ ଗଣିଆ ବ୍ଲକର ଛାମୁଣ୍ଡିଆ, ଈଶ୍ୱରପୁର, ବେଷ୍ଟପଡା, ଗୋପୀନାଥପୁର, ହରିପୁର ପରି ଗାଁରେ ବିଦ୍ୟୁତ୍ ଜଳିଥିଲା। ଏହି ଗାଁଗୁଡିକରେ ରାତି ୯ରୁ ୧୧ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଆସିଥିଲା। ଶୁକ୍ରବାର ରାତିରେ ପୁଣି ୨ ଘଣ୍ଟା ପାଇଁ ବିଦ୍ୟୁତ୍ ଆସିବ ବୋଲି କୁହାଯାଉଛି। ଅନ୍ୟପକ୍ଷେ କୁତୁରୀ, ବେଠିଆସାହି, ବଡମୂଳ, ବଡମୂଳ ମାଳିସାହି, ମୁଦୁଲିଗାଡିଆ ପରି ଗାଁରେ ୭ ଦିନ ହେଲା ବିଦ୍ୟୁତ୍ ଆଦୌ ନାହିଁ। ବନ୍ୟାର ୩ ଦିନ ପରେ କାଦୁଆ, ଡଙ୍କାରସାହି, ଓସ୍ତିଆ, ସଠିଆପଲ୍ଲୀ, ବସନ୍ତପୁର ଗାଁରେ ବିଦ୍ୟୁତ୍ ଜଳିଥିଲା। ବାରମ୍ବାର ବିଦ୍ୟୁତ୍ କାଟ ଲାଗି ରହିଥିଲେ ମଧ ବନ୍ୟାଞ୍ଚଳରେ ବିଦ୍ୟୁତ୍ ଥିବାରୁ ସାଧାରଣରେ ଆଶ୍ୱସ୍ତି ପ୍ରକାଶ ପାଇଛି। ରାସଙ୍ଗ, ରାଉତପଡା, ୱାଲିପୁର, ପତୁରିଆରେ ବନ୍ୟା ସମୟରୁ ଲାଇନ ଅଛି।

### ରାସ୍ତାରୁ ପାଣି ହଟୁନି

ରାସଙ୍ଗରୁ କାଦୁଆ, ମଣିଭଦ୍ରାରୁ ବୃଓଙ୍ଗ ପୋଲ, ବେଷ୍ଟପଡାରୁ ଛାମୁଣ୍ଡିଆ, ଛାମୁଣ୍ଡିଆରୁ କନ୍ଧଜିଲିଣ୍ଡା, ସାତକୋଶିଆ ସ୍ୟାଣ୍ଡ ରିସୋର୍ଟରୁ ବଡମୂଳ ଓ ବଡମୂଳରୁ କୁତୁରୀ ପର୍ଯ୍ୟନ୍ତ ରାସ୍ତାରେ ପାଣି ଜମି ରହିଛି। କେଉଁଠି ୨ ଫୁଟ ତ ଆଉ କେଉଁଠି ୪ ରୁ ୫ଫୁଟ ପାଣି ଲହଡି ଭାଙ୍ଗୁଛି। ତେବେ କୁତୁରୀ ଗାଁ ପୂରା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛି। କୁତୁରୀ ଗାଁର ଦୁଇପାର୍ଶ୍ୱରେ ଜଙ୍ଗଲ ଘୋରି ରହିଥିବାବେଳେ ଅନ୍ୟ ଦୁଇପାର୍ଶ୍ୱରେ ଜଳାର୍ଣ୍ଣବ ହୋଇଯାଇଛି। ଏଣୁ ଏଠାକାର ବାସିନ୍ଦା ଘରୁ ବାହାରି ପାରୁନାହାନ୍ତି।

# ନୟାଗଡ଼ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ସେମିନାର

ନୟାଗଡ ଅଫିସ,୧୯।୮

ହୀରକ ଜୟନ୍ତୀ ଅବସରରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପକ୍ଷରୁ ଆନ୍ତର୍ଜାତୀୟ ସେମିନାର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସେମିନାରରେ ଆମେରିକାର ଏକ ବୈଷୟିକ ଅନୁଷ୍ଠାନର ପ୍ରଫେସର ଡ. ଦୁର୍ଗାମାଧବ ମିଶ୍ର, ଆଇଜର କୋଲକତାର ପ୍ରଫେସର ଡ. ପ୍ରଶାନ୍ତ ପାଣିଗ୍ରାହୀ ଯୋଗଦେଇ ବିଭିନ୍ନ ଗବେଷଣା ଉପରେ ତଥ୍ୟ ଭିତ୍ତିକ ମନ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ବିଧାୟକ ଅରୁଣ ସାହୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ରୂପେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପୂର୍ବତନ ସିଡିଏମ୍‌ଓ ସୁରେଶ ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ସରୋଜ ରଞ୍ଜନ ଦାସ ଅତିଥି ପରିଚୟ ଦେଇଥିବାବେଳେ ଅଧ୍ୟାପିକା ଦୀପାନିତା କର ଧନ୍ୟବାଦ ଦେଇଥିଲେ। ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟାପିକାଅଧ୍ୟାପକ, ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ।




ସେମିନାର ଯୋଗ ଦେଇଥିବା ଅତିଥିମାନେ।

# ଜାତୀୟ ପତାକାକୁ ଅସମ୍ମାନ, ନିଘା ନାହିଁ କାହାର

ଓଡ଼ଗାଁ, ୧୯।୮(ସ୍ୱ.ପ୍ର.)

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ୧୩ ରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ ଘରେ ଘରେ ଜାତୀୟ ପତାକା ଉଡାଇବାକୁ ଅହ୍ୱାନ ଦିଆଯାଇଥିଲା। ତଦନୁସାରେ ସ୍ଥାନୀୟ ଏନ୍‌ଏସି ପକ୍ଷରୁ ପ୍ରାୟତଃ ପ୍ରତି ଘରେ ଜାତୀୟ ପତାକା ପ୍ରଦାନ କରାଯାଇ ସସମ୍ମାନର ସହ ଉଡାଇବାକୁ ଅନୁରୋଧ କୁହାଯାଇଥିଲା। ଏପରିସ୍ଥଳେ ସ୍ଥାନୀୟ ଅଞ୍ଚଳରେ ରହିଥିବା ସମସ୍ତ ଅଫିସ, ଦୋକାନ ବଜାର ଓ ଘରେ ଘରେ ଜାତୀୟ ପତାକା ଉଡୁଥିବା ଦେଖିବାକୁ ମିଳିଥିଲା। ହେଲେ ୧୫ତାରିଖ ପର୍ଯ୍ୟନ୍ତ ଏହାକୁ ଉଡାଇବାକୁ କୁହାଯାଇଥିବା ବେଳେ ଅଦ୍ୟବଧି ଅନେକ ସ୍ଥାନରେ ଜାତୀୟ ପତାକା ଉଡୁଛି। ଏହା ଫ୍ଲାଗ୍ କୋଡ୍‌କୁ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିଛି। ଏଥିପ୍ରତି ଘର ମାଲିକ କିମ୍ବା ପ୍ରଶାସନିକ ଅଧିକାରୀ କାହାରି ହେଲେ ନିଘା ନ ଥିବା ଲୋକେ ଅନୁଭବ କରିଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟର ଏକ କାନ୍ଥରେ ଏକ ଜାତୀୟ ପତାକା ଅବହେଳିତ ଅବସ୍ଥାରେ ବେଆଇନ ଭାବେ ଉଡୁଥିବା ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହାକୁ ହଜାର ହଜାର ଲୋକେ ଦେଖିଥିବା ଜଣାଯାଇଛି। ଅବଶ୍ୟ ଭିଡିଓ ଭାଇରାଲ ହେବା ପରେ କେହି ଏହି ଜାତୀୟ ପତାକାକୁ ବାହାର କରି ନେଇଥିବା ଜଣାଯାଇଛି। ଏ ନେଇ ବ୍ଲକ କଂଗ୍ରେସ ପକ୍ଷରୁ ଘୋର ନିନ୍ଦା କରାଯିବା ସହ ବ୍ଲକ ପ୍ରଶାସନର ଅବହେଳାକୁ ନେଇ ପ୍ରଶ୍ନବାଚୀ କରିଛି। ହେଲେ ଏଯାବତ୍ ବେଆଇନ ଭାବେ ଲାଗିଥିବା ଜାତୀୟ ପତାକାକୁ ସମ୍ମାନର ସହ ବାହାର କରି ଆଗାମୀ ଦିନ ନିମନ୍ତେ ସାଇତି ରଖିବାକୁ ଜିଲା ପୂର୍ବତନ ସୈନିକ ସଂଘ ଲୋକଙ୍କୁ ପରାମର୍ଶ ଦେଇଛନ୍ତି।



ବ୍ଲକ ଅଫିସରେ ଜାତୀୟ ପତାକାକୁ ଅସମ୍ମାନ।

# ଲଗାଣବର୍ଷା: ବନ୍ୟାଞ୍ଚଳବାସୀ ଆତଙ୍କିତ

ଖଣ୍ଡପଡା,୧୯।୮(ସ୍ୱ.ପ୍ର.)

ମହାନଦୀରେ ବନ୍ୟା ପରିସ୍ଥିତି ସାମାନ୍ୟ ସୁଧାର ଆସୁଥିବା ବେଳେ ଲଘୁଚାପଜନିତ ଲଗାଣ ବର୍ଷା ଗୁରୁବାର ମଧ୍ୟ ରାତ୍ରିରୁ ଆରମ୍ଭ ହୋଇଛି। ଶୁକ୍ରବାର ଦିନତମାମ ଅବିଶ୍ରାନ୍ତ ବର୍ଷା ଲାଗି ରହିଥିବାରୁ ବନ୍ୟାଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ମହାନଦୀ ଓ ଶାଖା ନଦୀଗୁଡ଼ିକରେ ଜଳସ୍ତର କମି ଥିବାବେଳେ ପୁଣି ବର୍ଷା ପ୍ରଭାବରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଥିବା ସାଧାରଣରେ ଆଲୋଚନା ହେଉଛି। ତଳିଆ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଚଳିତବର୍ଷ ଲଘୁଚାପଜନିତ ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁ ନଦୀ ତଟବର୍ତ୍ତୀ ଗ୍ରାମର ବାସିନ୍ଦା ହନ୍ତସନ୍ତ ହେଉଛନ୍ତି। ଉଜୁଡି ଯାଇଥିବା ଧାନ ଓ ପନିପରିବା ଫସଲକୁ ଦେଖି ଖଣ୍ଡପଡ଼ା ଅଞ୍ଚଳର ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସିଛନ୍ତି। ପ୍ରତିବର୍ଷ ବନ୍ୟା ଯୋଗୁ ଖଣ୍ଡପଡ଼ା ବ୍ଲକ ଅଧୀନ ଗୁଣ୍ଠୁଣି, ଶାଳଝରିଆ, ବୋଦସା, ବନମାଳୀପୁର, ରାଣିଛେଲ୍ଲୀ, ବେଣାଗାଡିଆ, ଗଡିଆସାହି, କଣ୍ଟିଲୋ, ବାଣପୁର, ସିଧାମୂଳା, କୁମ୍ଭାରପଡା, ବଳଭଦ୍ରପ୍ରସାଦ, ରଘୁନାଥଗୋଲମରା, ସିଂଘାପଡା, ପଥରଚକଡା, କେନ୍ଦୁପଲ୍ଲୀ, ଧାନଚେଙ୍ଗଡା ଅଧୀନ ଅଧିକାଂଶ ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବନ୍ୟା ଦାଉରୁ ରକ୍ଷା ପାଇବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# କୁରାଳ ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରରେ ନନ୍ଦୋତ୍ସବ



ରାଧାକୃଷ୍ଣ, ଯଶୋଦା, ନନ୍ଦ ବେଶରେ ପିଲାମାନେ।

ଓଡ଼ଗାଁ, ୧୯।୮ (ସ୍ୱ.ପ୍ର.)

ଓଡ଼ଗାଁ ବ୍ଲକ କୁରାଳ ପଞ୍ଚାୟତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପକ୍ଷରୁ ଶୁକ୍ରବାର ନନ୍ଦୋତ୍ସବ ପାଳିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ମୁଖ୍ୟ ସୁକାନ୍ତ ଚୌଧୁରୀ ଯୋଗଦେଇ ଭଗବାନ ଶ୍ରୀକୃଷ୍ଣଙ୍କ ନାମ ସଙ୍କୀର୍ତ୍ତନ ମାଧ୍ୟମରେ ଶିଶୁମାନଙ୍କ ମଧ୍ୟରେ ଆନନ୍ଦ ଉତ୍ସାହ ଭରି ଦେଇଥିଲେ। ପରେ ସମସ୍ତ ଗୁରୁଜୀଗୁରୁମା, ଅଭିଭାବକ ନନ୍ଦ, ଯଶୋଦା, ରାଧା, କୃଷ୍ଣ, ବଳରାମ ବେଶରେ ସଜେଇ ହୋଇ ଆସିଥିବା ଛାତ୍ରୀଛାତ୍ରଙ୍କୁ ନେଇ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ବେଶଧାରୀମାନେ ଶୋଭାଯାତ୍ରାରେ ଯାଉଥିବାବେଳେ ଗାଁ ମଝିରେ ମା'ମାନଙ୍କ ଦ୍ୱାରା ହୁଳହୁଳି ପକାଇ ବନ୍ଦାପନା କରାଯାଇଥିଲା। ଏଭଳି ସୁନ୍ଦର କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ ପ୍ରଶଂସା କରିଥିବାବେଳେ ଶିକ୍ଷାକେନ୍ଦ୍ରର ସମସ୍ତ ଗୁରୁଜୀଗୁରୁମା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ୧୫ ଫୁଟ ରାସ୍ତା ୩୦ ଫୁଟ ତଳକୁ ଦବିଲା

- ୫୭ ନଂ. ଜାତୀୟ ରାଜପଥ ବିପଦସଙ୍କୁଳ
- ବର୍ଷା ଲାଗି ରହିଲେ ବିଚ୍ଛିନ୍ନ ହେବ ପୂର୍ବରୁ ପଶ୍ଚିମ ଓଡ଼ିଶା

ନୟାଗଡ ଅଫିସ/ଦଶପଲ୍ଲା, ୧୯।୮ (ଡି.ଏନ୍.ଏ.)

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଦଶପଲ୍ଲା ବ୍ଲକ ଟାକେରା ନିକଟସ୍ଥ ଶାଳଭଙ୍ଗା ଜଙ୍ଗଲ ନିକଟରେ ୧୫ ଫୁଟର ରାସ୍ତା ପ୍ରାୟ ୩୦ ଫୁଟ ତଳକୁ ଦବି ଯାଇଛି। ୧୫ ଫୁଟ ରାସ୍ତା ଦବିବା ପରେ ଏଠାର ରାଜପଥ ପୁଣି ଦବିବା ଆରମ୍ଭ ହୋଇଛି। ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ଲଗାଣ ବର୍ଷା ଲାଗି ରହିଲେ ବିପଦସଙ୍କୁଳ ଭାବେ ରହିଥିବା ଶାଳଭଙ୍ଗା ନିକଟସ୍ଥ ରାସ୍ତା ପୁଣି ଦବିବାର ସମ୍ଭାବନା ରହିଛି। ଏପରି କି ରାଜପଥରେ ୨୦ରୁ ୩୦ ଫୁଟର ଗର୍ତ୍ତ ହୋଇଯିବ। ରାଜପଥରେ ବଡ ଧରଣର ଗର୍ତ୍ତ ସୃଷ୍ଟି ହେବା ପରେ ପୂର୍ବରୁ ପଶ୍ଚିମ ଓଡ଼ିଶାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯିବ। ରାସ୍ତାପାର୍ଶ୍ୱରେ ସୁରକ୍ଷା ପ୍ରାଚୀରର ଆବଶ୍ୟକତା ଥିବାବେଳେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରିଥିଲେ। ଲଗାଣ ବର୍ଷାର ପ୍ରଭାବରେ ଶୁକ୍ରବାର ରାଜପଥରୁ ଅତଡା ଖସ ରାସ୍ତାକୁ ବିପଦସଙ୍କୁଳ କରି ପକାଇଛି।



ଦଶପଲ୍ଲାର ଶାଳଭଙ୍ଗ ଜଙ୍ଗଲରେ ଦବି ଯାଇଥିବା ୫୭ ନଂ. ଜାତୀୟ ରାଜପଥ।

## ସଂକ୍ଷେପରେ

### ବଳାତ୍କାର, ହତ୍ୟା ଅପରାଧୀଙ୍କୁ ଖଲାସ ଘଟଣାକୁ ନିନ୍ଦା

**ଯାଜପୁର ଟାଉନ,୧୯।୮(ଡି.ଏନ.ଏ.):** ବିଲ୍‌କିସ ବାନୋଙ୍କୁ ଗଣବଳାତ୍କାର ଓ ତାଙ୍କ ପରିବାର ସଦସ୍ୟଙ୍କୁ ହତ୍ୟା ଘଟଣାର ୧୧ ଅପରାଧୀଙ୍କୁ ଗୁଜରାଟ ସରକାର ରେମିସନ୍ ପଲିସି ଅନୁଯାୟୀ ଖଲାସ କରିବା ଘଟଣାକୁ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ସର୍ବଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି ନିନ୍ଦା କରିଛନ୍ତି। ଏହା ଦେଶର ବୁଦ୍ଧିଜୀବୀ ଓ ନାରୀ ସମାଜକୁ ଆଶ୍ଚର୍ଯ୍ୟ ଚକିତ କରିଛି। ଗୁଜରାଟ ସରକାର ଏହି ଅପରାଧୀଙ୍କ ରେମିସନ୍‌କୁ ପ୍ରତ୍ୟାହାର କରି ନେବାକୁ ସଂଗଠନର ସାଧାରଣ ସମ୍ପାଦିକା ମହାନ୍ତି, ଓଡ଼ିଶା ରାଜ୍ୟ ସଭାନେତ୍ରୀ ବୀଣାପାଣି ଦାସ, ସ୍ୱୟଂପ୍ରଭା ନାୟକ, ଯାଜପୁର ଜିଲା କମିଟିର ସଭାନେତ୍ରୀ ଶାନ୍ତିଲତା ପଣ୍ଡା ଓ ତରଙ୍ଗିଣୀ ଦାସ ଦାବି କରିଛନ୍ତି।

### ଟାଟା ଷ୍ଟିଲ୍ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ସାର୍ଟିଫିକେଟ ପ୍ରଦାନ

**କାଳିଆପାଣି,୧୯।୮(ଡି.ଏନ.ଏ.):** ଟାଟାଷ୍ଟିଲ ମାଇନିଂ ପକ୍ଷରୁ ଶୁକ୍ରବାର ସୁକିନ୍ଦା ଖଣି କାଟେପୂର୍ତ୍ତି ଅଡିଟୋରିୟମଠାରେ ଦିବ୍ୟାଙ୍ଗଙ୍କୁ ସାର୍ଟିଫିକେଟ ପ୍ରଦାନ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇ ପାଇଁ 'ସବଳ' ନାମରେ ଏକ ସଂସ୍ଥା କାର୍ଯ୍ୟକରୁଛି। ଏକ ବର୍ଷ ହେବ ସବଳ ଅନୁଷ୍ଠାନ କର୍ମଚାରୀ ବୁଲି ଦିବ୍ୟାଙ୍ଗ ଚିହ୍ନଟ କରିବା ସହ ଅନଲାଇନ ପଞ୍ଜୀକରଣ କରିଥିଲେ। ୧୩୦ଜଣ ଅନଲାଇନ ପଞ୍ଜୀକରଣ କରିବା ପରେ ଯାଜପୁର ଜିଲାର କଅଁସ, କାଳିଆପାଣି, ଚିଙ୍ଗୁଡିପାଳ ଓ ରାଁସୋଳ ପଞ୍ଚାୟତର ଦିବ୍ୟାଙ୍ଗଙ୍କୁ ସାର୍ଟିଫିକେଟ ପ୍ରଦାନ ପାଇଁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଯାହାଙ୍କ ୪୦ ପ୍ରତିଶତ ଦିବ୍ୟାଙ୍ଗ ରହିଥିଲା ସେମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଡାକ୍ତର ବି.ଏନ. ବାରିକ, କମ୍ପାନୀ ଜିଏମ୍ ସୁଶାନ୍ତ କୁମାର ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶଲ୍ୟ ବିଶେଷଜ୍ଞ ଡାକ୍ତର ଶାନ୍ତନୁ ସାହୁ, ଚକ୍ଷୁ ବିଶେଷଜ୍ଞ ସ୍ନେହାସିସ ଦୀକ୍ଷିତ, କର୍ନ,ନାଶା ଓ ଗଳା ବିଶେଷଜ୍ଞ ଦେବାଶିଷ ପରିଡା, ଭେଷଜ ବିଶେଷଜ୍ଞ ଜୟଦେବ ନନ୍ଦ ଦିବ୍ୟାଙ୍ଗଙ୍କୁ ପରୀକ୍ଷା କରିଥିଲେ। ଷ୍ଟିୱାଟ ସ୍କୁଲ ଛାତ୍ରୀଛାତ୍ର, କଲୋନୀ ପରିସରରେ ଥିବା ପ୍ରତିଭା ମହିଳା କ୍ଲବର ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। କମ୍ପାନୀ ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ, ସହମୁଖ୍ୟ ସଞ୍ଜୀବ ସାହୁ, ଟାଟା ଷ୍ଟିଲ ଫାଉଣ୍ଡେଶନ ମୁଖ୍ୟ ଦେବଞ୍ଜନ ବାନାର୍ଜୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

### ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ

**ବାଲିଚନ୍ଦ୍ରପୁର,୧୯।୮(ସ୍ୱ.ପ୍ର.):** ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ ବାଲିଚନ୍ଦ୍ରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୪୦ ଜଣ ପିଲା କୃଷ୍ଣ ଓ ୩୪ ଜଣ ଶ୍ରୀରାଧା ବେଶ ଧାରଣ କରିଥିଲେ। ବସନ୍ତ କିଶୋର ସାହୁ, ନାରାୟଣ ଚନ୍ଦ୍ର ପଣ୍ଡା, ସତ୍ୟାନନ୍ଦ ମଲ୍ଲିକ, ନିରଞ୍ଜନ ମହାନ୍ତି ଯୋଗଦାନ କରିଥିଲେ।

# ଟିପ୍ପର ଚାଳକ, ମା'ଝିଅଙ୍କ ବଚସା ଭିଡିଓ ଭାଇରାଲ

## ଗାଡ଼ି ଚଢ଼ାଇ ମା'ଝିଅଙ୍କୁ ହତ୍ୟା ମାମଲା

**ଧର୍ମଶାଳା,୧୯।୮(ଡି.ଏନ.ଏ.)**

ଯାଜପୁର ଜିଲା ଜେନାପୁର ଥାନା ଅଧୀନ ୫୩ ନମ୍ବର ଜାତୀୟ ରାଜପଥରେ ଗତ ୩ତାରିଖରେ ସୁକିନ୍ଦା ଅଞ୍ଚଳର ଅଶୋକ ଚକ୍ରବର୍ତ୍ତୀଙ୍କ ସ୍ତ୍ରୀ ଶ୍ରୀତିକା ଚକ୍ରବର୍ତ୍ତୀ ଓ ତାଙ୍କ ଝିଅ ଲିପିକା ଚକ୍ରବର୍ତ୍ତୀଙ୍କୁ ଟିପ୍ପର ଚାଳକ ଗାଡ଼ି ଚଢ଼ାଇ ହତ୍ୟା କରିବା ମାମଲାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ସାଇଡ୍‌ମରାକୁ କେନ୍ଦ୍ରକରି ଶ୍ରୀତିକା ଓ ଲିପିକାଙ୍କ ସହ ଚାଳକ ଅମର ସ୍ୱାଇଁଙ୍କ ହୋଇଥିବା ବଚସାର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଦେଢ଼ ମିନିଟ୍‌ର ଏହି ଭିଡିଓରେ ଲିପିକା ଓ ଶ୍ରୀତିକା ଟ୍ରକ୍ ଚାଳକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୋତାରେ ମାରିବାକୁ କହୁଥିବା ଦେଖିବାକୁ ମିଳିଛି। ଚାଳକ ଅଶ୍ଳୀଳ ଭାଷାକୁ ବିରୋଧ କରୁଥିବାବେଳେ ଲିପିକା ଆହୁରି ଜୋତାରେ ପିଟିବେ ବୋଲି କହୁଛନ୍ତି। ଭିଡିଓରେ ଲିପିକାଙ୍କ ମା'କହୁଛନ୍ତି, ବାଟସାରା ଚାଳକ ଆମକୁ ସାଇଡ୍ ମାରୁଛନ୍ତି। ବିରୋଧ କଲେ ନାନା ଭାଷାରେ ଗାଳି କରୁଛନ୍ତି। ଏହାପରେ ଶ୍ରୀତିକା ଓ ଲିପିକା ଗାଡ଼ିରୁ କିଛି ଲୁହା ସାମଗ୍ରୀ ଧରି ଚାଳକଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରୁଛନ୍ତି। ଏହାପରେ ଚାଳକ ମଧ୍ୟ ସେମାନଙ୍କୁ ଲୁହା ସାମଗ୍ରୀରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଲୋକେ ଚାଳକଙ୍କୁ ବୁଝାଶୁଝା କରି ବିଦା କରୁଥିବା ଦେଖାଯାଇଛି। ସୂଚନା ମୁତାବକ, ଶ୍ରୀତିକା ଓ ଲିପିକା କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ାରେ ଏକ ଶୁଦ୍ଧିକ୍ରିୟା କାମରେ ଯୋଗଦେଇ ସ୍କୁଟିରେ ଘରକୁ ଫେରୁଥିଲେ। ୫୩ ନମ୍ବର ଜାତୀୟ ରାଜପଥର ଆରୁହା ଛକ ପୂର୍ବରୁ ଗାଡ଼ି ସାଇଡମରାକୁ କେନ୍ଦ୍ରକରି ଡ୍ରାଇଭର ଏବଂ ଶ୍ରୀତିକା ଓ ଲିପିକାଙ୍କ ମଧ୍ୟରେ ବଚସା ହୋଇଥିଲା। ଶ୍ରୀତିକା ଓ ଲିପିକା ଆରୁହା ଛକ ନିକଟରେ ଗାଡ଼ି ଅଟକାଇ ଡ୍ରାଇଭରଙ୍କ ସହ ଯୁକ୍ତିତର୍କ କରିବା ସହ ଭିଡିଓ ଉତ୍ତୋଳନ କରିଥିଲେ। ଯୁକ୍ତିତର୍କ ସମୟରେ ପାଟି ଶୁଣି ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ପହଞ୍ଚି ଆପୋସ ସମାଧାନ କରିଥିଲେ। ଏହାର କିଛି ସମୟ ପରେ ଟ୍ରକ ଡ୍ରାଇଭର ଅମର ଟ୍ରକ ନେଇ ସେହି ରାସ୍ତାରେ ଯାଇ ବରଡ଼ା ଛକ ନିକଟରେ ଶ୍ରୀତିକା ଓ ଲିପିକାଙ୍କ ଉପରେ ଗାଡ଼ି ଚଢାଇ ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ପ୍ରଥମେ ଏହା ଏକ ଦୁର୍ଘଟଣାଜନିତ ମୃତ୍ୟୁ ବୋଲି କୁହାଯାଉଥିଲା। ତେବେ ସାଇଡମରାକୁ କେନ୍ଦ୍ର କରି ଟ୍ରକ୍ ଡ୍ରାଇଭର ଅମରଙ୍କର ଶ୍ରୀତିକା ଓ ଲିପିକାଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିବା କଥା ଜଣାପଡ଼ିବା ପରେ ପୋଲିସ ଆରୁହା ଛକ ନିକଟରେ ପହଞ୍ଚି ଆପୋସ ସମାଧାନ କରିଥିବା ଲୋକଙ୍କୁ ପଚାରି ବୁଝିବା ସହିତ ଏହି ଥାନା ତୋଟାକଣ ଗ୍ରାମର ଟ୍ରକ୍ ଚାଳକ ଅମରଙ୍କୁ ଗିରଫ କରିଥିଲା। ତାଙ୍କୁ ରଗଡ଼ିସ୍ଥିତ ବିଚାରବିଭାଗୀୟ ଜେଲକୁ ପଠାଇ ଦିଆଯାଇଛି। ପୋଲିସ ଚାର୍ଜଶିଟ ଦେବା ପରେ ଏହି କେସ୍‌ର ବିଚାର ଚାଲିବ। ତେବେ ପୋଲିସ ଚାର୍ଜଶିଟ ତିଆରି କରିବା ପୂର୍ବରୁ ଏହି ଭାଇରାଲ ଭିଡିଓ ପୋଲିସ ପାଇଁ ଏକ



ବଳିଷ୍ଠ ପ୍ରମାଣ ହୋଇଛି। ପୋଲିସ ଏହି ଭିଡିଓକୁ କୋର୍ଟରେ ଦାଖଲ କରି ଅଭିଯୁକ୍ତଙ୍କ ବିରୋଧରେ ଉପସ୍ଥାପନ କରିପାରିବ ବୋଲି କୁହାଯାଇଛି।

## ପାଣିଘେରରେ ଦଶରଥପୁରର ଆଦର୍ଶ ବିଦ୍ୟାଳୟ

**ଝୁମ୍ପୁରୀ,୧୯।୮(ଡି.ଏନ୍.ଏ.)**

ଛାତ୍ରୀଛାତ୍ରଙ୍କ ପାଇଁ ଦଶରଥପୁର ଆଦର୍ଶ ବିଦ୍ୟାଳୟ ଅଭିଶାପ ପାଲଟିଛି। ଏହି ବିଦ୍ୟାଳୟ ଏବେବି କାଣୀ ନଦୀର ବନ୍ୟା ପାଣିଘେରରେ ରହିଥିବା ଦେଖିବାକୁ ମିଳିଛି। ବନ୍ୟା କମିବାର ଦୁଇଦିନ ପରେବି ବିଦ୍ୟାଳୟ ପରିସର ସହ ଶ୍ରେଣୀଗୃହରେ ଆଣ୍ଠୁଏ ପାଣି ଲହଡ଼ି ଭାଙ୍ଗୁଛି। ବିଦ୍ୟାଳୟରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ୧୦ ଦିନରୁ ଊର୍ଦ୍ଧ୍ୱ ହେଲାଣି ପାଠ ପଢ଼ିବାକୁ ଯାଇପାରୁନାହାନ୍ତି।

ଫଳରେ ସେମାନଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲି ହୋଇଯାଉଛି। ଅନ୍ୟ ଏକ ଘଟଣା କ୍ରମରେ ଏହି ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱାଧୀନତା ଦିବସରେ ପତାକା ଉଡ଼ାଇ ପାରି ନ ଥିଲେ। ଦେଶ ଅମୃତ ମହୋତ୍ସବ ପାଳନ କରୁଥିବାବେଳେ ଛାତ୍ରୀଛାତ୍ର ଏହାକୁ ପାଳନ କରିପାରି ନ ଥିବାରୁ ସେମାନଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି।



ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ.ଜାତୀୟ ରାଜପଥର ବଡ଼ଚଣା ଛକ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ଅଣ୍ଡାବୋଝେଇ ଟ୍ରକ।

## ଓଲଟିଲା ଅଣ୍ଡା ବୋଝେଇ ଟ୍ରକ୍

**ଚଣ୍ଡିଖୋଲ,୧୯।୮(ଡି.ଏନ.ଏ.)**

ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ.ଜାତୀୟ ରାଜପଥର ବଡ଼ଚଣା ଛକ ନିକଟରେ ଶୁକ୍ରବାର ଏକ ଅଣ୍ଡା ବୋଝେଇ ଟ୍ରକ୍(ଡବ୍ଲ୍ୟୁ-ବି-୨୩-ଜେଡ୍-୭୮୫୮) ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଛି। ହାଇଦ୍ରାବାଦରୁ ଅଣ୍ଡା ବୋଝେଇ କରି ଆସୁଥିବା ଏହି ଟ୍ରକଟି କଲିକତା ଅଭିମୁଖେ ଯାଉଥିଲା। କୌଣସି କାରଣବସତଃ ଟ୍ରକଟି ଓଲଟି ପଡ଼ିଥିଲେ ମଧ୍ୟ ଚାଳକ ଓ ସହାୟକଙ୍କ କୌଣସି କ୍ଷତି ହୋଇନାହିଁ। ବଡ଼ଚଣା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରିଛି।

## ବନ୍ୟା ମୁକାବିଲା ନେଇ ବିଧାୟକଙ୍କ ସମୀକ୍ଷା

**ଚଣ୍ଡିଖୋଲ,୧୯।୮(ଡି.ଏନ.ଏ.)**

ବଡ଼ଚଣା ବ୍ଲକରେ ସମ୍ଭାବ୍ୟ ବନ୍ୟା ଓ ପ୍ରବଳ ବର୍ଷା ଭଳି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ବ୍ଲକ୍ ପରିସରରେ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ସଜାଗ ରହିବାକୁ ବିଧାୟକ ପରାମର୍ଶ ଦେବା ସହ କିପରି ଧନଜୀବନ କ୍ଷତି ନ ଘଟିବ ସେଥିପ୍ରତି ଦୃଷ୍ଟି ଦେବାକୁ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଯେପରି କୌଣସି କର୍ମଚାରୀ ମୁଖ୍ୟାଳୟ ଛାଡ଼ି ନ ଯିବେ ସେଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଛନ୍ତି। ବଡ଼ଚଣା ବ୍ଲକ ଅଧୀନ ୧୧ ପଞ୍ଚାୟତର କେତେକ ଗ୍ରାମରେ ଚାଷଜମିରେ ବନ୍ୟାପାଣି ମାଡ଼ିଯିବା ଓ ଫସଲ ନଷ୍ଟ ହେବା ନେଇ ଆକଳନ କରିବାକୁ କୁହାଯାଇଛି।

ବୈଠକରେ ବିଡିଓ ଅଜିତ ନାରାୟଣ ଗିରି, ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ, ଜାରକା ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସ, ଚଣ୍ଡିଖୋଲ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାଗବତ ବେହେରା, ମହାନଦୀ ନର୍ଥ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଶକ୍ତି ପ୍ରକାଶ ଦାସ, କୃଷି ଅଧିକାରୀ ତୁଷାରକାନ୍ତି ସେଠୀ, ସହକାରୀ ଯନ୍ତ୍ରୀ ଅଶୋକ ସାହୁ, ସ୍ୱାସ୍ଥ୍ୟ ବିଭାଗର ମନୋରମା ସ୍ୱାଇଁ, ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର ନାୟକ ଓ ଆମ୍ବା ଅଧ୍ୟକ୍ଷ ନିରଞ୍ଜନ ସେନାପତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଯୁକ୍ତ ୨ରେ ପ୍ରଥମ ଦିନରେ ନାମ ଲେଖାଇଲେ ୪୪୦

**ଧର୍ମଶାଳା,୧୯।୮(ଡି.ଏନ.ଏ.)**

ଯୁକ୍ତ ୨ରେ ଧର୍ମଶାଳା ବ୍ଲକର ୭ଟି କଲେଜରେ ଶୁକ୍ରବାର ପ୍ରଥମ ଦିନରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ନାମ ଲେଖାଇବା ପାଇଁ ୮୫୮ଛାତ୍ରୀଛାତ୍ରଙ୍କୁ ସୂଚନା ଦିଆଯାଇଥିଲାବେଳେ ୪୪୦ଜଣ ନାମ ଲେଖାଇଛନ୍ତି। ନାମ ଲେଖାଇବା ପାଇଁ ବୋର୍ଡ ସାର୍ଟିଫିକେଟ, ଅନ୍‌ଲାଇନ ପେମେଣ୍ଟ ଓ ଜାତିଗତ ପ୍ରମାଣ ଅଭାବରୁ ଅଧାରୁ କମ୍ ଛାତ୍ରୀଛାତ୍ର ନାମ ଲେଖାଇ ପାରିନାହାନ୍ତି। ବୋର୍ଡ ପକ୍ଷରୁ ଶୁକ୍ରବାର ଜିଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରଧାନ ଶିକ୍ଷକଙ୍କ ଜରିଆରେ ବୋର୍ଡ ସାର୍ଟିଫିକେଟ ବଣ୍ଟନ କରାଯାଇଛି। ଏହି ସାର୍ଟିଫିକେଟ ବିଦ୍ୟାଳୟରୁ ଶନିବାରଠାରୁ ପିଲା ଗ୍ରହଣ କରିବେ। ଯେଉଁମାନେ ନାମ ଲେଖାଇଛନ୍ତି, ସେମାନେ ସମ୍ପୃକ୍ତ କଲେଜରେ ଘୋଷଣା ନାମା ଦେଇ ନାମ ଲେଖାଇଛନ୍ତି। ଧର୍ମଶାଳା ଯୁକ୍ତ ୨ କଲେଜରେ କଳାରେ ୯୦ ଜଣ ଛାତ୍ରୀଛାତ୍ରଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ସେଥିମଧ୍ୟରୁ ୩୨ଜଣ ନାମ ଲେଖାଇଛନ୍ତି। ସେହିପରି ବିଜ୍ଞାନରେ ୭୫ଜଣଙ୍କୁ ନାମଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ୩୦ ଓ ବାଣିଜ୍ୟରେ ୧୬ ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ୯ ଜଣ ନାମଲେଖାଇଛନ୍ତି। କଳାରେ ନାମ ଲେଖାଇଥିବା ୩୨ଜଣଙ୍କ ମଧ୍ୟରୁ ୭ଜଣ ଓ ବିଜ୍ଞାନରେ ନାମ ଲେଖାଇଥିବା ୩୦ ଛାତ୍ରୀଛାତ୍ର ୫ଶହରୁ ଊର୍ଦ୍ଧ୍ୱ ମାର୍କ ରଖି ନାମ ଲଲେଖାଇଛନ୍ତି। ବଜ୍ରଗିରି ଯୁକ୍ତ ୨ କଲେଜରେ କଳାରେ ୭୫ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ୬୦ ଜଣ ନାମ ଲେଖାଇଛନ୍ତି।

ସେହିପରି ବିଜ୍ଞାନରେ ୭୫ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ୫୦ଜଣ ନାମ ଲେଖାଇଛନ୍ତି।

ଜଗନ୍ନାଥଜୀଉ ଯୁକ୍ତ ୨ କଲେଜରେ କଳାରେ ୬୦ ଜଣଙ୍କୁ ନାମଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ୪୫ଜଣ ନାମ ଲେଖାଇଥିଲେ। ବିଜ୍ଞାନରେ ୬୩ରୁ ୧୨ ନାମ ଲେଖାଇଛନ୍ତି। ଏହି କଲେଜରେ ସୁଚିତ୍ରା ପାତ୍ର ୫୦୯ ନମ୍ବର ରଖି ନାମ ଲେଖାଇଛନ୍ତି। ଧର୍ମଶାଳା ମହିଳା ଯୁକ୍ତ ୨ କଲେଜରେ କଳାରେ ୭୫ଜଣଙ୍କ ମଧ୍ୟରୁ ୪୫। ଜେନାପୁର ଯୁକ୍ତ ୨ କଲେଜ କଳାରେ ୭୫ରୁ ୫୨ଜଣ ନାମଲେଖାଇଛନ୍ତି। ରେନେସାଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୨୯ଜଣଙ୍କ ମଧ୍ୟରୁ ୫ ଜଣ, ବିଜ୍ଞାନରେ ୭୫ଜଣଙ୍କ ମଧ୍ୟରୁ ୨୦ ଜଣ ନାମ ଲେଖାଇଛନ୍ତି। ମୁକୁନ୍ଦପାତ୍ର ଯୁକ୍ତ ୨ କଲେଜରେ କଳାରେ ୭୫ ଜଣଙ୍କୁ ନାମଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ୩୮ଜଣ ବିଜ୍ଞାନରେ ୭୫ଜଣଙ୍କ ମଧ୍ୟରୁ ୪୨ଜଣ ନାମଲେଖାଇଥିବା ସମ୍ପୃକ୍ତ କଲେଜର ଅଧ୍ୟକ୍ଷମାନେ ସୂଚନା ଦେଇଛନ୍ତି।

ପ୍ରଥମ ପର୍ଯ୍ୟାୟ ନାମଲେଖା ୨୫ ତାରିଖ ଯାଏଁ ଚାଲିବ। ଯେଉଁ ଛାତ୍ରୀଛାତ୍ର ନାମ ଲେଖାଇ ପାରିନାହାନ୍ତି ସେମାନେ ୨୫ ତାରିଖ ପର୍ଯ୍ୟନ୍ତ ସମ୍ପୃକ୍ତ କଲେଜରେ ନାମ ଲେଖାଇବାକୁ ବାଧ। ତେବେ ବହୁ ଅଭିଭାବକ ଓ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି ଯେ, ବୋର୍ଡ ପରୀକ୍ଷାଫଳ ବହୁ ଦିନ ହେଲା ପ୍ରକାଶ ପାଇଥିଲେ ମଧ୍ୟ ସେମାନଙ୍କୁ ଆଜିଯାଏ ସାର୍ଟିଫିକେଟ ଦିଆଯାଇ ନାହିଁ। ଫଳରେ କଲେଜରେ ଘୋଷଣାନାମା ଦେଇ ନାମ ଲେଖାଉଛନ୍ତି। ଏଥିସହ ନାମଲେଖା ଫି' ସମ୍ପୃକ୍ତ କଲେଜ ଆକାଉଣ୍ଟରେ ଅନଲାଇନ ଜମା କରାଯାଉଥିବାରୁ ଛାତ୍ରୀଛାତ୍ର ବହୁ ଅସୁବିଧା ଭୋଗୁଛନ୍ତି। ଏ ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଦାବି ହୋଇଛି।

## ଆର୍ତ୍ତବନ୍ଧୁ ମହାନ୍ତି ସ୍ମାରକୀ ପୁରସ୍କାର ବିତରଣ



ଜଣେ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

**ବରୀ,୧୯।୮(ଡି.ଏନ.ଏ.)**

ବରୀ ନିମ୍ନମୌଳିକ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପ୍ରଧାନଶିକ୍ଷକ ସନୋଜ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକଙ୍କ ସ୍ମୃତିରେ ପ୍ରଦାନ କରାଯାଉଥିବା ଆର୍ତ୍ତବନ୍ଧୁ ମହାନ୍ତି ସ୍ମାରକୀ ପୁରସ୍କାରପ୍ରଦାନକରାଯାଇଛି।ବିଦ୍ୟାଳୟର ୫ମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ଭାଗ୍ୟଶ୍ରୀ ବେହେରା, ବ୍ରହ୍ମାନନ୍ଦ ବେହେରା ଓ ଲକ୍ଷ୍ମୀପ୍ରିୟା ବେହେରାଙ୍କୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଛାତ୍ରୀଛାତ୍ରଙ୍କୁ ନଗଦ ଅର୍ଥରାଶି ସହ ପ୍ରମାଣପତ୍ର ଓ ସିଲ୍ଡ ପ୍ରଦାନ କରାଯାଇଛି। ଉତ୍ସବରେ ସ୍ଥାନୀୟ ଜନସାଧାରଣ ଓ ଅଭିଭାବକଙ୍କ ସମେତ ସ୍ୱାଧୀନତା ସଂଗ୍ରାମୀ ମହାନ୍ତିଙ୍କ ପରିବାର ଲୋକେ ଉପସ୍ଥିତ ଥିଲେ।

# ବନ୍ୟାଞ୍ଚଳ ସ୍ଥିତି ଏବେ ବି ଗମ୍ଭୀର

**ଝୁମ୍ପୁରୀ,୧୯।୮(ଡି.ଏନ୍.ଏ.)**

- ବର୍ଷା ବଢ଼ାଇଲା ବିପନ୍ନଙ୍କ ଚିନ୍ତା
- ଶେଷ ପର୍ଯ୍ୟାୟରେ ଘାଇ ମରାମତି

ଦଶରଥପୁର ବ୍ଲକ୍‌ରେ ବନ୍ୟାଞ୍ଚଳର ସ୍ଥିତି ଏବେବି ଗମ୍ଭୀର ରହିଛି। ଧୀରେଧୀରେ ବନ୍ୟାପାଣି କମୁଥିଲେ ମଧ୍ୟ ଗାଁ ଦାଣ୍ଡରେ ପାଣିର ସୁଅ ଚାଲିଛି। ବନ୍ୟା ପ୍ରଭାବରେ ଅତିଷ୍ଠ ହୋଇପଡ଼ିଥିବା ବିପନ୍ନ ନିଜର ଭାଙ୍ଗିଯାଇଥିବା ବାସଗୃହକୁ ସଜାଡ଼ିବା ନିମନ୍ତେ ଲାଗିପଡ଼ିଛନ୍ତି। ମାତ୍ର ଏବେ ଚିନ୍ତା ବଢ଼ାଇଛି ପୁଣି ଆସୁଥିବା ଲଘୁଚାପ ବର୍ଷା। ଗୁରୁବାର ସନ୍ଧ୍ୟାରୁ ଝିପିଝିପି ବର୍ଷା ଲାଗିରହିଥିବାରୁ ବନ୍ୟାଞ୍ଚଳର ସ୍ଥିତି ଉଦ୍‌ବେଗଜନକ ହୋଇପଡ଼ିଛି। ତଳେ ବନ୍ୟାଜଳ ପ୍ରବାହିତ ହେଉଥିବାବେଳେ ଉପରୁ ବର୍ଷା ଲୋକଙ୍କ ପାଇଁ କାଳ ସାଜିଛି। ଆଉ ଏହାରି ମଧ୍ୟରେ ବିପନ୍ନଙ୍କ ପାଇଁ ସାମାନ୍ୟ ଆଶ୍ୱସ୍ତିକର ଖବର ଆସିଛି। କାଣୀନଦୀର ବ୍ରହ୍ମଚାରୀପାଟଣାରେ ହୋଇଥିବା ଘାଇକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଯୁଦ୍ଧକାଳୀନଭିତ୍ତିରେ ମରାମତି କରାଯାଉଥିବାବେଳେ ଏହି ମରାମତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ସୁଦ୍ଧା ଘାଇ ସମ୍ପୂର୍ଣ୍ଣରୂପେ ବନ୍ଦ କରାଯାଇ ବନ୍ୟାଞ୍ଚଳର ଲୋକଙ୍କୁ ବନ୍ୟା ଦାଉରୁ ରକ୍ଷା କରାଯିବ ବୋଲି ଜଳ ସମ୍ପଦ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ କହିଛନ୍ତି। ଜଳ ସମ୍ପଦ ବିଭାଗ ଅଧିକାରୀଙ୍କ ତ୍ୱରିତ ଘାଇ ମରାମତି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଥିବାବେଳେ ଯାଜପୁର ବିଧାୟକ ଏହି ଘାଇ ମରାମତି ପାଇଁ ସ୍ୱତନ୍ତ୍ରଭାବେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏବେବି ବ୍ଲକ୍‌ର ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ବନ୍ୟାଜଳ ହଜାରହଜାର ହେକ୍ଟର ଚାଷଜମିକୁ ବୁଡ଼ାଇ ରଖିଛି। ବ୍ୟାପକ ପରିବା ଫସଲ ନଷ୍ଟ ହେବାସହ ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇଛି। ବନ୍ୟାଞ୍ଚଳରେ ବିପନ୍ନଙ୍କ ପାଇଁ ଅଳ୍ପ ରିଲିଫ୍‌ର ବ୍ୟବସ୍ଥା କରାଯାଇଥିବାବେଳେ ବହୁ ବେସରକାରୀ ଅନୁଷ୍ଠାନଙ୍କ ସହ ଛାତ୍ର କଂଗ୍ରେସର ଏକ ପ୍ରତିନିଧି ଦଳ ବନ୍ୟାଘେରରେ ଥିବା ଲୋକଙ୍କୁ ଦୁଇଦିନ ଧରି ଶୁଖିଲା ଖାଦ୍ୟ ବଣ୍ଟନ କରୁଥିବା ଦେଖାଯାଇଛି। ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ବନ୍ୟାଞ୍ଚଳରେ ୧୫ ଦିନ ପାଇଁ ରିଲିଫ୍ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଏଭଳି ନିଷ୍ପତ୍ତିକୁ ବିପନ୍ନଙ୍କ ପକ୍ଷରୁ ପ୍ରଶଂସା କରି ଧନ୍ୟବାଦ ଦିଆଯାଇଛି।



ଜଣେ ବନ୍ୟା ପୀଡ଼ିତଙ୍କୁ ରିଲିଫ୍ ସାମଗ୍ରୀ ପ୍ରଦାନ କରାଯାଉଛି।

# ବାଜିବନି ଡିଜେ, ରାତି ୧୦ ପରେ ଭସାଣି ମନା




ଗଣେଶ ପୂଜା ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

## ଗଣେଶପୂଜା ପ୍ରସ୍ତୁତି ବୈଠକ

**ଯାଜପୁର ଟାଉନ,୧୯।୮(ଡି.ଏନ.ଏ.)**

ଯାଜପୁର ସହରରେ ଆଗାମୀ ଗଣେଶ ପୂଜା ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ଜିଲା ପ୍ରଶାସନ ଓ ଗଣେଶ ପୂଜା କମିଟି କର୍ମକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ଚଳିତ ବର୍ଷ ପୂଜା ସରକାରୀ ନିୟମ ମାଧ୍ୟମରେ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବାକୁ ନିବେଦନ କରିଥିଲେ। ବିଗତ ବର୍ଷଗୁଡ଼ିକରେ କୋଭିଡ୍ କଟକଣା ଯୋଗୁ ପୂଜା କମିଟିମାନେ ଆଡମ୍ବର ସହକାରେ ପୂଜା କରିପାରି ନ ଥିଲେ। ଚଳିତ ବର୍ଷ ୭ ଦିନ ପାଇଁ ଉତ୍ସବ ଅନୁଷ୍ଠିତ ହେବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।

ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୫ ଯାଏ ମଣ୍ଡପଗୁଡ଼ିକରେ ପୂଜା ଅନୁଷ୍ଠିତ ହେବା ସହ ୬ ଓ ୭ ତାରିଖ ଭସାଣି ଉତ୍ସବ ଅନୁଷ୍ଠିତ ହେବ।

ଉକ୍ତ ସମୟ ମଧ୍ୟରେ ନିୟମିତ ବିଦ୍ୟୁତ୍ ଯୋଗାଣ, ପରିମଳ ଓ ପାନୀୟଜଳ ଆଦି ନିରବଚ୍ଛିନ୍ନ ଯୋଗାଣ ପାଇଁ ପଦକ୍ଷେପ ନିଆଯିବ। ସମସ୍ତ ପୂଜା କମିଟିକୁ ନେଇ ଏକ ୧୫ଜଣିଆ ଶାନ୍ତି କମିଟି ଗଠିତ ହେବ ଏବଂ ଏହି କମିଟି ପୋଲିସ, ପ୍ରଶାସନ ସହଯୋଗରେ ଭସାଣି, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ସମ୍ପନ୍ନ କରିବେ। ରାତି ୧୦ଟା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣିକୁ ଅନୁମତି ଦିଆଯିବ ନାହିଁ। ଡିଜେ ବାଦ୍ୟକୁ ନିଷେଧ କରାଯିବା ସହ ଭସାଣି ସମୟରେ ଏଣେତେଣେ ମୂର୍ତ୍ତି ବିସର୍ଜନ କରିବାକୁ ପ୍ରଶାସନ ତରଫରୁ ବାରଣ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ପୌରପାଳିକାର ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଉପଜିଲାପାଳ ଗୋପୀନାଥ କୁଅଁର, ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ, ଆଇଆଇସି ଅଜୟ କୁମାର ଜେନା, ଯାଜପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଜୋଶୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚୋରି ଜିନିଷ ଛାଡ଼ି ଦୁର୍ବୃତ୍ତ ଫେରାର

ରାୟଗଡ଼(ଗଜପତି),୧୯।୮:ଗଜପତି ଜିଲା ରାୟଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ହେଣ୍ଡିଆସାହିର କାଳିପ୍ରସାଦ ଶବରଙ୍କ ଘରୁ ଗୁରୁବାର ରାତିରେ ବାଇକ ସହ ୨ଟି ମୋବାଇଲ ଚୋରି ହୋଇଥିଲା। ଚୋରମାନେ ବାଇକ୍‌ରେ କିଛି ବାଟ ଯିବାପରେ ବାଇକ୍ ରଖି କାନ୍ଧରେ ବ୍ୟାଗ୍ ପକାଇ ଚାଲି ଚାଲି ଯାଉଥିବାର ଦୃଶ୍ୟ ଜଣେ ଲୁଗା ବ୍ୟବସାୟୀଙ୍କ ଦୋକାନ ଘର ସିସି ଟିଭିରେ କଏଦ ହୋଇଥିଲା। ଏହି ଫୁଟେଜ୍‌ଟି ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ଶୁକ୍ରବାର ସକାଳୁ ଲୋକେ ଚୋରକୁ ଖୋଜାଖୋଜି କରିଥିଲେ। ପଦାସାହି ଛକ ନିକଟରେ ଚୋରଟି ବାଇକ୍ ଧରି ରାୟଗଡ଼ ଅଭିମୁଖେ ଆସୁଥିବା ଦେଖି ଗାଡିକୁ ଚିହ୍ନି ତାକୁ କାବୁ କରିବାକୁ ଚେଷ୍ଟା କରିଥିଲେ। ସେ ଭୟଭୀତ ହୋଇ ରାଜପୁର ଗ୍ରାମ ନିକଟରେ ବାଇକ୍ ଓ ଚାରୋଟି ମୋବାଇଲ ଛାଡ଼ି ଫେରାର ହୋଇଯାଇଥିଲେ। ଏନେଇ ରାୟଗଡ଼ ପୋଲିସ୍ ତଦନ୍ତ ଚଳାଇଥିବା ଜଣାପଡିଛି।

### ରମ୍ଭାରେ ଗୁଣପୁର-କଟକ ଫାଷ୍ଟ ପାସେଞ୍ଜର ରହଣି ପାଇଁ ପ୍ରତିଶ୍ରୁତି

ରମ୍ଭା,୧୯।୮:ରମ୍ଭାଠାରେ ଗୁଣପୁର-କଟକ ଫାଷ୍ଟ ପାସେଞ୍ଜର ଟ୍ରେନ୍ ରହଣି ପାଇଁ ବହୁବାର ଦାବି ହୋଇଆସିଛି। ସହରାଞ୍ଚଳ ବାସିନ୍ଦା ଠାରୁ ଆରମ୍ଭ କରି ଟ୍ରେନ୍ ଉପରେ ନିର୍ଭର କରୁଥିବା ଯାତ୍ରୀମାନେ ପୂର୍ବତଟ ରେଳ ବିଭାଗଠାରେ ଦାବିପତ୍ର ଦେଇଥିଲେ। ଅନେକଥର ଏନେଇ ଆଲୋଚନା ମଧ କରାଯାଇଥିଲା। ବରିଷ୍ଠ ଭାଜପା ନେତା ମହେଶ୍ ମହାନ୍ତି, ଜିଲା ସମ୍ପାଦକ ଭୀମସେନ୍ ବେହେରା ରେଳପଥ ଜେନେରାଲ ମ୍ୟାନେଜରଙ୍କୁ ସାକ୍ଷାତ କରି ଆଲୋଚନା କରିଥିବା ବେଳେ ସାତ ଦିନ ମଧରେ ଗୁଣପୁର କଟକ ଫାଷ୍ଟ ପାସେଞ୍ଜର (୧୮୪୪୪-୧୮୪୪୩) ରଖିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାଇଛନ୍ତି।

### ଭି.ରବିନାରାୟଣ ରାଜୁ ବିଧାୟକଙ୍କ ପ୍ରତିନିଧି



ଦିଗପହଣ୍ଡି,୧୯।୮(ଡି.ଏନ.ଏ.):ଦିଗପହଣ୍ଡି ପୌର ପରିଷଦ ପାଇଁ ବିଧାୟକ ଡ଼.ସୂର୍ଯ୍ୟନାରାୟଣ ପାତ୍ରଙ୍କ ପ୍ରତିନିଧି ଭାବେ ଏନ୍‌ଏସି ପୂର୍ବତନ ନଗରପାଳ ତଥା ବିଜେଡିର ବରିଷ୍ଠ ନେତା ଭି.ରବିନାରାୟଣ ରାଜୁଙ୍କୁ ମନୋନୀତ କରାଯାଇଛି। ବିଧାୟକ ଏ ସଂପର୍କିତ ଚିଠି ଦିଗପହଣ୍ଡି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଠାଇଛନ୍ତି।

### ହିନ୍ଦୁ ସୁରକ୍ଷା ମଞ୍ଚର କର୍ମକର୍ତ୍ତା ମନୋନୟନ

ଜି.ଉଦୟଗିରି,୧୯।୮(ଡି.ଏନ୍.ଏ.): କତିଙ୍ଗିଆ କମଳବନଠାରେ ଆୟୋଜିତ ହିନ୍ଦୁ ସୁରକ୍ଷା ମଞ୍ଚର ବୈଠକରେ କର୍ମକର୍ତ୍ତା ଚୟନ କରାଯିବା ସହିତ ହିନ୍ଦୁମାନଙ୍କ ଓ ତାଙ୍କ ସଂସ୍କୃତିର ସୁରକ୍ଷା ଉପରେ କାର୍ଯ୍ୟ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ହିନ୍ଦୁ ସୁରକ୍ଷା ମଞ୍ଚ ସଂଯୋଜକ ମାନଗୋବିନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ସଭାପତି ଭାବେ ମାଜିରା ପ୍ରଧାନ, ସମ୍ପାଦକ ଭାବେ ଭେଙ୍କଟେଶ୍ୱର ବେହେରା, ଉପଦେଷ୍ଟା ଭାବେ ବନବାସୀ ସନ୍ଥ ସୁଦୟା ଆବା, ଅବନେଶ୍ୱର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମହାପାତ୍ର ପ୍ରଧାନ ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭ୍ୟ ଭାବେ ମାୟାବନ୍ଧୁ ପ୍ରଧାନ, ଉମେଶ ପ୍ରଧାନ, ଅର୍ଜୁନ କହଁର, ଶରତ ପ୍ରଧାନ, ଲଳିତ ପ୍ରଧାନ, ବସନ୍ତ ପ୍ରଧାନ, ସୁଦାମ ପ୍ରଧାନ ପ୍ରମୁଖ ରହିଛନ୍ତି।

### ଅରବିନ୍ଦନଗର ମୁଖ୍ୟ ରାସ୍ତା ଶୋଚନୀୟ

ବୁଗୁଡ଼ା,୧୯।୮(ଡି.ଏନ.ଏ.):ବୁଗୁଡ଼ା ଏନ୍‌ଏସିର ୱାର୍ଡନଂ ୨ ଓ ୩ର ମୁଖ୍ୟରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତାଟିର ଠାଏଁ ଠାଏଁ ଖାଲଖମା ରହିଥିଲା ବେଳେ ଅରବିନ୍ଦ ନଗର ୧ ଓ ୨ ଉଭୟ ଲେନ୍‌ର ଦୁଇଟିଯାକ ଛକରେ ବଡ଼ ବଡ଼ ଖାଲ ଥିବା ଯୋଗୁଁ ଯାନବାହାନ ଚଳାଚଳରେ ବହୁ ଅସୁବିଧା ହେଉଛି। ସାମାନ୍ୟ ବର୍ଷା ହେଲେ ରାସ୍ତାର ଅବସ୍ଥା ଦୟନୀୟ ହୋଇପଡୁଛି। ଦୈନିକ ହଜାର ହଜାର ଲୋକ ସେହି ରାସ୍ତା ଦେଇ ଯାତାୟତ କରୁଥିବା ବେଳେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଅଧିବାସୀ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ବି ରାସ୍ତାର ମରାମତି କିମ୍ବା ନୂତନ ରାସ୍ତାର ନିର୍ମାଣ ପ୍ରତି ଏନ୍‌ଏସି ପକ୍ଷରୁ ଧ୍ୟାନ ଦିଆଯାଉନଥିବା ଅଭିଯୋଗ ହେଉଛି। ଫଳରେ ଲୋକଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ନବ ନିର୍ବାଚିତ ପ୍ରତିନିଧି ଓ ଏନଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଭାପୁର ବ୍ଲକକୁ ବନ୍ୟା ପ୍ରଭାବିତ ଅଞ୍ଚଳ ଘୋଷଣା ଦାବି

ଭାପୁର,୧୯।୮(ଡି.ଏନ.ଏ.)




ଶୋଭାଯାତ୍ରାରେ ସାମିଲ ହୋଇଥିବା ଲୋକମାନେ।

ଭାପୁର ବ୍ଲକକୁ ବନ୍ୟା ପ୍ରଭାବିତ ଘୋଷଣା କରିବାକୁ ଭାପୁର ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ଶୁକ୍ରବାର ଦାବିପତ୍ର ପ୍ରଦାନ କରାଯାଇଛି। ବନ୍ୟାରେ ଭାପୁର ବ୍ଲକର ପଥରଚକଡା, କେନ୍ଦୁପଲି, ପଦ୍ମାବତୀ,କରବର ଏବଂ ଫତେଗଡ଼ ପଞ୍ଚାୟତଗୁଡିକର ହଜାର ହଜାର ହେକ୍ଟର ଚାଷ ଜମି ବନ୍ୟାରେ ବୁଡି ରହି ଧାନ ଓ ପନିପରିବା ଚାଷ ପଚିସଢ଼ି ନଷ୍ଟ ହୋଇଯାଇଛି। ତେଣୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବନ୍ୟା ବିପନ୍ନ ମାଣିତ୍ରୀ, ଗୁଡୁପଡା, ବଡବର ନୂଆସାହି, ହନୁମନ୍ତପ୍ରସାଦ, ମଣିପୁର ଆଦି ଗ୍ରାମଗୁଡିକରେ ଘରେ ଘରେ ଜଳ ପ୍ରବାହିତ ହେଉଛି। ସମ୍ପୂର୍ଣ୍ଣ ଗ୍ରାମ ଜଳବନ୍ଦୀରେ ୫ ଦିନ ଧରି ରହିବାରୁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଗୋଚାରଣ ଜମିଗୁଡିକ ଜଳମଗ୍ନ ଅବସ୍ଥାରେ ଥିବାରୁ ଗୋରୁଙ୍କ ଚରିବାରେ ବାଧା ଉପୁଜିଛି। ଗୋରୁମାନେ ଭୋକ ଉପବାସରେ ବନ୍ଧା ହୋଇ ରହିଛନ୍ତି। ଗୁରୁବାର ମୁଖ୍ୟମନ୍ତ୍ରୀ ୫ଟି ଜିଲାକୁ ବନ୍ୟା ପ୍ଲାବିତ ଜିଲା ଭାବେ ଘୋଷଣା କରିବା ସହ ଅନ୍ୟ ୫ଟି ଜିଲାକୁ ରିଲିଫ ମିଳିବା ନେଇ ଘୋଷଣା କରିଥିଲେ। ତେବେ ନୟାଗଡ଼ ଜିଲାର ନାମ ଏ ସୂଚିରେ ନାହିଁ। ନୟାଗଡ଼ ଜିଲାର ଭାପୁର ବ୍ଲକର ଅନେକ ଗାଁ ବର୍ତ୍ତମାନ ସୁଦ୍ଧା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ରହିଛି। ଭାପୁର ବ୍ଲକର ନାଁ ଏହି ତାଲିକାରେ ନାହିଁ। ଶୁକ୍ରବାର ଭାପୁର ବ୍ଲକର ଯୁବ ସାମାଜିକ କର୍ମୀ ତଥା ଆଇନଜୀବୀ ଅଭିଳାଷ ପଣ୍ଡାଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ବ୍ଲକ ଅଫିସକୁ ଯାଇ ନାରାବାଜି କରିବା ସହ ବିଡିଓଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଚାଷ ଓ ପଶୁ ସମ୍ପଦ ଗଭୀର ଭାବେ ପ୍ରଭାବିତ ହେଇଥିବା ସତ୍ତ୍ୱେ ଭାପୁର ବ୍ଲକ ବନ୍ୟା କ୍ଷତିଗ୍ରସ୍ତ ବୋଲି ଘୋଷଣା ନ ହେବା ଦୁର୍ଭାଗ୍ୟ ଜନକ ଅଟେ ବୋଲି ପଣ୍ଡା ମତବ୍ୟକ୍ତ କରିଛନ୍ତି। ପ୍ରତିନିଧି ଦଳ ତୁରନ୍ତ ଭାପୁର ବ୍ଲକକୁ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଭାବେ ଘୋଷଣା କରି ଉପଯୁକ୍ତ ରିଲିଫ ଏବଂ କ୍ଷତିପୂରଣ ଦେବା ପାଇଁ ଦାବି ଜଣାଇଛନ୍ତି। ଭାପୁର ବିଡିଓ ଜନ୍ମେଜୟ ସାହୁ ଦାବିପତ୍ର ପାଇଲା ପରେ ତାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠେଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିନିଧି ମଣ୍ଡଳୀରେ ଭାଜପା ଜିଲା ଉପସଭାପତି ପ୍ରଦୀପ୍ତ କୁମାର ପଟ୍ଟନାୟକ, ଯୁବମୋର୍ଚ୍ଚା ସଭାପତି ସୁରେଶ ଚନ୍ଦ୍ର ରାଉତ, କରବର ମଣ୍ଡଳ ସଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ସାହୁ, ଅନନ୍ତ ବେହେରା, ଶୁଭାସିନୀ ପାଣିଗ୍ରାହୀ, ଆଶାଲତା ବେହେରାଙ୍କ ସମେତ ୪୦ ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଉପସ୍ଥିତ ଥିଲେ। ଯଦି ଭାପୁର ବ୍ଲକ ବନ୍ୟା ପ୍ରଭାବିତ ଘୋଷଣା ନ ହୁଏ, ତାହା ହେଲେ ଚାଷୀମାନେ କ୍ଷତି ପୂରଣ ପାଇବାକୁ ବଞ୍ଚିତ ହେବେ। ଯଦି ଭାପୁର ବ୍ଲକର ଲୋକଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରାଯାଏ, ତ୍ରୁଟିକୁ ସୁଧାରି ବ୍ଲକକୁ ବନ୍ୟା ଅଧୁଷିତ ଭାବେ ଘୋଷଣା ନ କରାଯାଏ ତେବେ ଆଗାମୀଦିନରେ ତୀବ୍ର ଆନ୍ଦୋଳନ ହେବ ବୋଲି ପଣ୍ଡା ଚେତାବନୀ ଦେଇଛନ୍ତି।

# 'ଲୋକଙ୍କ ନିମନ୍ତେ କାମ କରିବାକୁ ପରାମର୍ଶ'

ଓଡ଼ଗାଁ, ୧୯।୮(ସ୍ୱ.ପ୍ର.)




ବୈଠକରେ ଯୋଗ ଦେଇଥିବା ଅତିଥିମାନେ।

**ଓଡ଼ଗାଁ ପଞ୍ଚାୟତ ସମିତିର ୨ୟ ଅଧିବେଶନ**

ନୟାଗଡ଼ ଜିଲା ଓଡ଼ଗାଁ ପଞ୍ଚାୟତ ସମିତିର ୨ୟ ସାଧାରଣ ଅଧିବେଶନ ଶୁକ୍ରବାର ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ବିଡିଓ ସ୍ୱାତୀଲେଖା ଦାସ ମଞ୍ଚାସୀନ ରହିଥିବା ବେଳେ ସମସ୍ତ ୩୬ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ବିଧାୟକ ସାହୁ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ଲୋକଙ୍କ ନିମନ୍ତେ କାମ କରିବା ସହ ସେମାନଙ୍କ ନିକଟତର ହୋଇ ରହିବାକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ସରକାରୀ କର୍ମଚାରୀ କାର୍ଯ୍ୟରେ ଅବହେଳା କରିବାକୁ ସୁବିଧା ପାଇ ପାରିବେ ନାହିଁ ବୋଲି ସେ କହିଥିଲେ। ଏହିପରି କର୍ମଚାରୀଙ୍କ କାର୍ଯ୍ୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ହେବା ବୋଲି ସେ ଜୋର ଦେଇଥିଲେ। ପାନୀୟ ଜଳ ଯୋଗାଣ, ଏମ୍‌ଜିଏନ୍‌ଆର୍‌ଜିଏସ୍, ଅମୃତ ସରୋବର, କ୍ଷେତ ପୋଖରୀ ନିର୍ମାଣ ଓ ମାଛ ଚାଷ ସମ୍ପର୍କରେ ବିଶେଷ ଆଲୋଚନା ହୋଇଥିଲା। ଏମ୍‌ଜିଏନ୍‌ଆର୍‌ଜିଏସ୍‌ରେ ପ୍ରକୃତ ହିତାଧିକାରୀଙ୍କ ଖାତାକୁ ମଜୁରୀ ଟଙ୍କା ନ ଆସି ବେନାମୀ ଖାତାରେ ଟଙ୍କା ଜମା ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଆଲୋଚନା ଅଗ୍ରଗତି ନ ହୋଇ ଏହାର ତଦନ୍ତ କରିବାକୁ କୁହାଯାଇଥିଲା। ସମସ୍ତ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଖସଡା ପ୍ରସ୍ତୁତ କରିବାକୁ ବିଧାୟକ ସାହୁ ପରାମର୍ଶ ଦେଇଥିଲେ। ଏଥିରେ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# କୋମ୍ବିଂ ବେଳେ ମାଓବାଦୀ ସାମଗ୍ରୀ ଜବତ

ଫୁଲବାଣୀ ଅଫିସ, ୧୯।୮

କନ୍ଧମାଳ ଜିଲାରେ ପୁଣି ମାଓବାଦୀ ସକ୍ରିୟ ହୋଇଛନ୍ତି। ବାଲନ୍ଦାପଡ଼ା ପଞ୍ଚାୟତ ସୁକାଙ୍ଗୀ ଜଙ୍ଗଲରେ ମିଳିତ କୋମ୍ବିଂ ଅପରେଶନ ବେଳେ ସୁରକ୍ଷାକର୍ମୀ ଏକ ମାଓବାଦୀ କ୍ୟାମ୍ପ ଠାବ କରିଛନ୍ତି । ଏହି ଜଙ୍ଗଲରେ ମାଓବାଦୀମାନେ ଏକ ଗୁମ୍ଫାରେ ବହୁ ସାମଗ୍ରୀ ଲୁଚାଇ ରଖିଥିବା ସର୍ଚ୍ଚ ଅପରେଶନ ବେଳେ ସନ୍ଧାନ ମିଳିଥିଲା। ଏହାପରେ ଜିଲାର ମାଓବାଦପ୍ରବଣ ଅଞ୍ଚଳଗୁଡ଼ିକରେ ଲଗାତର କୋମ୍ବିଂ ଅପରେଶନ ଜାରି ରହିଛି । ଗତ ୧୬ ତାରିଖରେ ସୁରକ୍ଷା କର୍ମୀମାନେ ବାଲନ୍ଦାପଡ଼ା ଅଞ୍ଚଳରେ କୋମ୍ବିଂ କରୁଥିଲେ। କୋମ୍ବିଂ ଅପରେଶନ ବେଳେ ଗୁମ୍ଫାରୁ ମାଓବାଦୀମାନେ ବ୍ୟବହାର କରୁଥିବା ବିପୁଳ ପରିମାଣର ସାମଗ୍ରୀ ଜବତ ହୋଇଛି। ସେସବୁ ସାମଗ୍ରୀ କେକେବିଏନ୍ ଡିଭିଜନର ହୋଇଥାଇପାରେ ବୋଲି କନ୍ଧମାଳ ଏସ୍‌ପି ବିନିତ ଅଗ୍ରୱାଲ କହିଛନ୍ତି। ଜବତ ହୋଇଥିବା ମାଓବାଦୀ ସାମଗ୍ରୀ ମଧ୍ୟରେ ମେଡିସିନ, ପୋଷାକ, ଜିଲୋଟିନ ଷ୍ଟିକ, କମ୍ବଳ ଓ ଆପତ୍ତିଜନକ ସାମଗ୍ରୀ ସହ ଅନ୍ୟାନ୍ୟ ସାମଗ୍ରୀ ରହିଛି। ସୁକାଙ୍ଗୀ ଜଙ୍ଗଲରେ ଏସ୍‌ଓଜି ଓ ଡିଭିଏଫ ସୁରକ୍ଷା କର୍ମୀମାନେ ମିଳିତ କୋମ୍ବିଂ ଅପରେଶନ ଜାରି ରଖିଥିବା ଏସ୍‌ପି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଥିସହ ମାଓବାଦୀମାନେ ହିଂସା ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି।



ଜବତ ମାଓବାଦୀ ସାମଗ୍ରୀ ।

# ସ୍କୁଲ ରାସ୍ତାରେ ଆଣ୍ଠୁଏ ପାଣି



ଆଣ୍ଠୁଏ ପାଣିରେ ବିଦ୍ୟାଳୟକୁ ଯିବାଆସିବା କରୁଛନ୍ତି ଛାତ୍ରୀଛାତ୍ର ।

ନୂଆଗଡ଼,୧୯।୮

ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ସ୍କୁଲ ପଡ଼ିଆ ପାଲଟିଛି କୃତ୍ରିମ ପୋଖରୀ। ବିଦ୍ୟାଳୟ ସମ୍ମୁଖ ଆଣ୍ଠୁଏ ପାଣି ପଶି ସ୍କୁଲକୁ ଯାଉଛନ୍ତି ଛାତ୍ରୀଛାତ୍ର। ଗଜପତି ଜିଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ଭ୍ରମରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିସରରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି। ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ। କୁନି କୁନି ପିଲା ଏବଂ ଛାତ୍ରୀଛାତ୍ର ବିପଦସଙ୍କୁଳ ଅବସ୍ଥାରେ ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ସ୍କୁଲ ଯାଉଛନ୍ତି। ବିଦ୍ୟାଳୟ ପଛପଟେ ପାଚେରୀ ନାହିଁ କି ଡ୍ରେନ ବ୍ୟବସ୍ଥା ନାହିଁ। ସାମାନ୍ୟ ବର୍ଷା ହେଲେ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ବିଦ୍ୟାଳୟରେ ୧ମ ଶ୍ରେଣୀ ଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ରହି ଥିବାବେଳେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟ ପରିସରରେ ୨ଟି ଅଙ୍ଗନୱାଡି ଏବଂ ଗୋଟିଏ ମିନି ଅଙ୍ଗନୱାଡି କେନ୍ଦ୍ର ରହିଛି। ଏଥିରେ ୫୦ରୁ ଊର୍ଦ୍ଧ୍ୱ ପିଲା ଅଙ୍ଗନୱାଡି କେନ୍ଦ୍ରକୁ ଆସିଥାନ୍ତି। ତେଣୁ ଏହି ସମସ୍ୟା ବିଭାଗୀୟ ଅଧିକାରୀମାନେ ଯଥାଶୀଘ୍ର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି ଅଭିଭାବକ ଏବଂ ଶିକ୍ଷକମାନେ।

### ୨୫ ଲକ୍ଷର ଚୋରି ସାମଗ୍ରୀ ଠାବ, ୨ ଅଟକ

ଗୋପାଳପୁର, ୧୯।୮(ଡ଼ି.ଏନ୍.ଏ.)

ଗୋଳନ୍ଥରା ଥାନା ଅନ୍ତର୍ଗତ ଲଉଡ଼ି ଗାଁ ନିକଟରେ ନିର୍ମାଣଧୀନ ଆଇଜର କ୍ୟାମ୍ପସ୍‌ରୁ ବହୁ ଇଲେକ୍ଟ୍ରୋନିକ୍ସ ଓ ହାଡୱେର ସାମଗ୍ରୀ ଚୋରି ହୋଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ପୋଲିସ ଚଢ଼ାଉ କରି ଉକ୍ତ ସାମଗ୍ରୀ ଜବତ କରିବା ସହିତ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରଛି। ଆଇଜରରୁ ଗତ ୭ ରୁ ୮ ମାସ ହେଲା ଇଲେକ୍ଟ୍ରିକାଲ ଓ ହାଡ଼ୱେର ସାମଗ୍ରୀ ଚୋରି ହୋଇଥିବା ଗୁରୁବାର ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଥିଲା। ଥାନା କେଶ ନଂ ୨୯୪/୨୨ ପ୍ରକାରରେ ଚୋରି ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ଆଇଆଇସି ବିରଜା ନନ୍ଦ ମହନ୍ତଙ୍କ ନେତୃତ୍ୱରେ ଏକ ଟିମ ଚୋରିରେ ସମ୍ପୃକ୍ତ ହନ୍ତଲୁ ଗ୍ରାମର ଦୁଇ ଯୁବକଙ୍କୁ ଚିହ୍ନଟ କରି ଉଠାଇ ନେଇଛି। ସେମାନଙ୍କ ଘର ପଛପଟୁ ବହୁ ସାମଗ୍ରୀ ଜବତ କରିଛି, ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି।

### ଅବକାରୀ କର୍ମଚାରୀଙ୍କ ଦୁର୍ବ୍ୟବହାର, ଗ୍ରାମବାସୀଙ୍କ ରାସ୍ତାରୋକୋ

ଆର.ଉଦୟଗିରି, ୧୯।୮ (ଡି.ଏନ୍.ଏ)

ଗଜପତି ଜିଲା ଆର.ଉଦୟଗିରି ଛେଲିଗଡ଼ ପଞ୍ଚାୟତ ପାଟପାଣିଠାରେ ପାରଳାଖେମୁଣ୍ଡିରୁ ବ୍ରହ୍ମପୁରକୁ ସଂଯୋଗ କରୁଥିବା ରାସ୍ତାକୁ ଅବରୋଧ କରିଛନ୍ତି ଗ୍ରାମବାସୀ। ଶୁକ୍ରବାର ସକାଳେ ଅବକାରୀ ବିଭାଗ କର୍ମଚାରୀ ପାଟ୍ରୋଲିଂ କରୁଥିବା ସମୟରେ ପାଟପାଣି ଗ୍ରାମର ମହେଶ୍ୱର ରଇତ ଓ ଶଙ୍କର ରଇତଙ୍କୁ କାମ କରୁଥିବା ସ୍ଥାନରୁ ମାଡ଼ମାରି ଉଠାଇ ନେଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଗ୍ରାମବାସୀ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ବିନା କାରଣରେ ସେମାନଙ୍କୁ ଉଠାଇ ନେଇଥିବା ଦର୍ଶାଇ ଶୀଘ୍ର ମୁକ୍ତ ଦାବି କରି ରାସ୍ତାରୋକ କରିଥିଲେ। ପ୍ରାୟ ୨ ଘଣ୍ଟା ପରେ ଆର. ଉଦୟଗିରି ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲିକ ପହଞ୍ଚି ଲୋକମାନଙ୍କ ସହିତ ଆଲୋଚନା କରିବା ପରେ ସଂପୃକ୍ତ ଯୁବକମାନଙ୍କୁ ଅବକାରୀ ବିଭାଗ ମୁକ୍ତ କରିଥିଲା ଓ ପରେ ରାସ୍ତାରୋକ ହଟିଥିଲା।

# ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ




ଫଟୋଗ୍ରାଫର ଆସୋସିଏଶନ କର୍ମକର୍ତ୍ତା।

ଭଞ୍ଜନଗର,୧୯।୮(ଡି.ଏନ୍.ଏ.)

ଘୁମୁସର ଫଟୋଗ୍ରାଫର ଆସୋସିଏଶନ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଓଡେଶା ଭବନ ପରିସରରେ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି । ଏଥିଲାଗି ଆୟୋଜିତ କାର୍ଯ୍ୟକ୍ରମରେ ଭଞ୍ଜନଗର ମେଡିକାଲ ଅଧୀକ୍ଷକ ସିତାଂଶୁ ଶେଖର ଶତପଥୀ, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦିବସ ସମ୍ପର୍କରେ କହିଥିଲେ। ସଭାପତି ଜୟକୃଷ୍ଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ସାଗର ବେହେରା ବିବରଣୀ ପଠନ କରିଥିଲେ। ଉପଦେଷ୍ଟା ବିରଞ୍ଚି ନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ଚକ୍ରପାଣି ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବାହ୍ନରେ ସହରରେ ଏକ ଶୋଭାଯାତ୍ରା ଓ ଚାରାରୋପଣ କରାଯାଇଥିଲା। ସଂଗ୍ରାମ ସ୍ୱାଇଁ, ଶୁକ ମହାନ୍ତି, କୁମାର ନାରାୟଣ ପଣ୍ଡା, ଆନନ୍ଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଶାସନକୁ ଗୋପାଳ ସେବା, ସୁରକ୍ଷା ସମିତିର ଦାବିପତ୍ର

ଭାପୁର,୧୯।୮(ଡି.ଏନ.ଏ.)



ବୈଠକରେ ଯୋଗ ଦେଇଥିବା ବ୍ୟକ୍ତିମାନେ।

ଭାପୁର ବ୍ଲକ ଫତେଗଡ ପଞ୍ଚାୟତରେ ଗୋପାଳ ସେବା ଓ ସୁରକ୍ଷା ସମିତିର ଏକ ବୈଠକ ଗୁରୁବାର ଜନ୍ମାଷ୍ଟମୀରେ ଅନୁଷ୍ଠିତ ହୋଇଥିଲା। ଗୋପାଳ ସେବା ଓ ସମିତିର ସୁରକ୍ଷା ପାଇଁ ଫତେଗଡ ପକ୍ଷରୁ ବ୍ଲକ ପ୍ରଶାସନକୁ ୧୦ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ଗୁଡିକ ହେଲା, ଫତେଗଡ ଗ୍ରାମରେ ମୋ ଗୁହାଳ ଯୋଜନାରେ କୌଣସି ଗୋଟିଏ ଆଦର୍ଶ ଗୁହାଳ ନିର୍ମାଣ ହୋଇ ନ ଥିବା ଆଶ୍ଚର୍ଯ୍ୟର ବିଷୟ। ପ୍ରବଳ ବର୍ଷା ଯୋଗୁ ଅନେକଗୁଡିଏ ଚାଳ ଛପର ଗୁହାଳ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପ୍ରଶାସନ ପକ୍ଷରୁ ଜରି ପାଲ ସହ ଆଦର୍ଶ ଗୁହାଳ ଯୋଗଇ ଦେବାକୁ ବ୍ୟବସ୍ଥା କରାଯାଉ, ଗୃହ ପାଳିତ ପଶୁମାନଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହ ରୋଗ ଚିହ୍ନଟ ଓ ଔଷଧ ବିତରଣ ପାଇଁ ଗୁରୁତ୍ୱ ଦିଆଯାଉ, ସାହଣ, ବଜବଜିଆ, ଫାଟୁଆ ଓ ଥଣ୍ଡା ଜ୍ୱର ଆଦିର ଚିହ୍ନଟ କରାଯାଇ ଉପଯୁକ୍ତ ଔଷଧ ଦିଆଯାଉନାହିଁ। ପଶୁମାନଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର କରାଯାଉ, ମୋ ଖତ ଯୋଜନା ଅନ୍ତର୍ଗତ କୌଣସି ସୁବିଧା ଗୋପାଳନ ଭାଇମାନଙ୍କୁ ମିଳିପାରିନାହିଁ। ଆର୍ଥିକ ସ୍ୱାବଲମ୍ବୀ ହେବା ପାଇଁ ଏହାକୁ ପ୍ରୋତ୍ସାହନ ଦିଆଯାଉ, ମହାନଦୀରେ ଜଳସ୍ତର ବୃଦ୍ଧି ହେତୁ ତଳିଆ ଅଞ୍ଚଳରେ ବର୍ଷର ୪ରୁ ୫ ମାସ ପାଣି ଜମି ରହେ। ଗୋଚର ଜମିଗୁଡିକ ସମ୍ପୂର୍ଣ୍ଣ ବୁଡ଼ି ରହୁଥିବାରୁ ଗୃହ ପାଳିତ ପଶୁ ଅନେକ ହଇରାଣ ହେଉଛନ୍ତି। ବ୍ୟାପକ ବନ୍ୟା ପ୍ରଭାବିତ ସ୍ଥାନଗୁଡିକରେ ଆବଶ୍ୟକ ଗୋଖାଦ୍ୟ, ଘାସ ଓ ଚୋକଡ ଯୋଗାଇ ଦିଆଯାଉ। ଗୋପାଳନ ଓ ପଶୁ ପାଳନ ନିମିତ୍ତ କୌଣସି ପ୍ରକାରର ଆର୍ଥିକ ସହାୟତା ବ୍ୟାଙ୍କ ପକ୍ଷରୁ ମିଳିପାରିନାହିଁ। ଅନେକ ଯୋଗ୍ୟ ଲୋକ ଏଥିରୁ ବଞ୍ଚିତ ରହିଛନ୍ତି। ବ୍ୟାଙ୍କରୁ ଲୋନ୍ ଯୋଗାଇ ଦିଆଗଲେ ଲୋକମାନେ ସ୍ୱାବଲମ୍ବୀ ହୋଇପାରନ୍ତେ। ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ସୂଚନା ଆମ୍ଭମାନଙ୍କ ପାଖରେ ପହଞ୍ଚି ପାରୁନାହିଁ। କୃଷି ଓ ଗୋପାଳନ ସୂଚନାଗୁଡିକ ଆମ ସମିତିକୁ ପ୍ରେରଣ କରାଗଲେ ସହଜରେ ସରକାରୀ ଯୋଜନାଗୁଡିକ ବିଷୟରେ ଅବଗତ ହୋଇପାରନ୍ତୁ। କେତେଜଣ ଅସାଧୁ ବ୍ୟକ୍ତି ଗ୍ରାମର ଗୋଚର ଜମିଗୁଡିକ ଜବରଦଖଲ କରି ରଖିଛନ୍ତି। ଗାଈ ଚରାଇବା ସମୟରେ ଗୋପାଳ ଭାଇମାନଙ୍କୁ ଗାଳି ଗୁଲଜ ମଧ କରୁଛନ୍ତି। ସେଗୁଡିକୁ ଚିହ୍ନଟ କରାଯାଇ ମୁକ୍ତ କରାଯାଉ ଓ ଦୋଷୀଙ୍କୁ ଆଇନ୍ ମୁତାବକ ଦଣ୍ଡ ବିଧାନ କରାଯାଉ। ଗୋଚର ଜମିଗୁଡିକରେ ଘାସ ଚାଷ ପାଇଁ ମଞ୍ଜି, ଚାରା ଓ ଆବଶ୍ୟକ ସାଧନ ଯୋଗାଇ ଦିଆଯାଉ। ଦରକାର ସ୍ଥଳେ ଆର୍ଥିକ ସହାୟତା ଯୋଗାଇ ଗୋପାଳନ ଭାଇମାନଙ୍କୁ ପ୍ରୋତ୍ସାହିତ କରନ୍ତୁ। ଫତେଗଡରେ ଏକ ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ, ବରିଷ୍ଠ ବିଶେଷଜ୍ଞମାନଙ୍କ ଦ୍ୱାରା ପଶୁ ପାଳନ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉ। ଏହି ଦାବିଗୁଡିକ ସମିତି ପକ୍ଷରୁ ପ୍ରଶାସନ ନିକଟରେ ଉପସ୍ଥାପିତ କରାଯାଇଛି।